

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 AUGUST 2023
Vol.No. 35 ■ No. 227 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଇସ୍ରୋର ବୈଜ୍ଞାନିକଙ୍କ ସାହସ ଓ ଉତ୍ସାହକୁ ସାଲ୍ୟୁଟ କଲେ ପ୍ରଧାନମନ୍ତ୍ରୀ

## ମନ୍ କୀ ବାତ କାର୍ଯ୍ୟକ୍ରମରେ କହିଲେ ଚନ୍ଦ୍ରଯାନ-୩ର ସଫଳତାର କାହାଣୀ



ନୂଆଦିଲ୍ଲୀନୂଆଦିଲ୍ଲୀ,୨୭/୦୮ : 'ମନ କି ବାତ୍'ର ୧୦୪ ତମ ସଂସ୍କରଣରେ ବୈଜ୍ଞାନିକଙ୍କ ସଫଳତାକୁ ବଖାଣିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହା ସହ ଭାରତକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇପାରିଥିବା ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ସଲାମ କରିବା ସହ ଏଥିରେ ଯୋଗଦାନ କରିଥିବା ମହିଳା ଶକ୍ତିକୁ ମଧ୍ୟ ପ୍ରଶଂସା କରିଛନ୍ତି । ଆଜିଯାଏଁ ଚନ୍ଦ୍ରପୃଷ୍ଠର ଦକ୍ଷିଣରେ ବିଶ୍ୱର କେଉଁ ଦେଶ ପହଞ୍ଚିପାରିନଥିବାବେଳେ ଭାରତ ଏହାକୁ ସମ୍ଭବ କରିପାରିଛି । ଏହା ବାସ୍ତବରେ ରକେଟ ସାଇନ୍ସର ପ୍ରକୃଷ୍ଟ ଉଦାହରଣ ବୋଲି ମୋଦୀ କହିଛନ୍ତି । ସେହିପରି, ଏବେ ସଂସ୍କୃତ ଭାଷାର ପ୍ରସାର ପାଇଁ କରାଯାଉଥିବା ଉଦ୍ୟମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରି ଅଗଷ୍ଟ ୩୧ ତାରିଖରେ ହେବାକୁ ଥିବା 'ବିଶ୍ୱ ସଂସ୍କୃତ ଦିବସ' ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଲେ, ସଂସ୍କୃତ ବିଶ୍ୱର ସର୍ବପୁରାତନ ଭାଷାରୁ ଗୋଟିଏ ବୋଲି ଆମେ ସମସ୍ତେ ଜାଣନ୍ତି। ଏହାକୁ ଅନେକ ଆଧୁନିକ ଭାଷାର ଜନନୀ ବୋଲି କୁହାଯାଏ। ସଂସ୍କୃତ ତା'ର ପ୍ରାଚୀନତା ତଥା ବୈଜ୍ଞାନିକତା ଓ ବ୍ୟାକରଣ ନିମନ୍ତେ ପ୍ରସିଦ୍ଧ।

# ବାଣ କାରଖାନାରେ ବିସ୍ଫୋରଣ: ୮ ମୃତ



ପଶ୍ଚିମବଙ୍ଗ,୨୭/୦୮ : ପଶ୍ଚିମବଙ୍ଗ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ। ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଗୋଦାମର ଛାତ ଉଡିଯାଇଛି। ଆଜି ସକାଳେ ଏହି ବିସ୍ଫୋରଣ ଘଟିଥିଲା। ଏହି ସମୟରେ ଫ୍ୟାକ୍ଟ୍ରିରେ ଅନେକ କର୍ମଚାରୀ ଥିଲେ। କିଛି କର୍ମଚାରୀ ଫସି ରହିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଆଜି ସକାଳ ପ୍ରାୟ ୧୦ଟା ସମୟରେ ଉତ୍ତର ୨୪ ପ୍ରଗଣା ଦତ୍ତପୁକୁର ଅଞ୍ଚଳରେ ଏହି ବିସ୍ଫୋରଣ ଘଟିଥିଲା। କାରଖାନାର ଛାତ ଉଡିଯିବାରୁ ଅନୁମାନ କରାଯାଉଛି ବିସ୍ଫୋରଣ କେତେ ଭୟଙ୍କର ଥିଲା। ଖବର ପାଇ ଉଦ୍ଧାରକାରୀ ଟିମ୍ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ, ଟିଏମସି ନେତାଙ୍କ ସହାୟତାରେ ଏହି ବେଆଇନ ବାଣ କାରଖାନା ଚାଲିଛି ଏବଂ ଏଥିପାଇଁ ପୁଲିସକୁ ମଧ୍ୟ ଟଙ୍କା ଦିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏପରି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଅନ୍ୟ ଏକ ବାଣ କାରଖାନାକୁ ନଷ୍ଟ କରି ଦେଇଥିବା ସୂଚନା ମିଳିଛି ।

# ସିବିଆଇ ଅଫିସର କହି ଲୁଟିଥିଲେ: ଛାଡ଼ି ଯାଇଥିବା ବ୍ୟାଗ ଖୋଲିଦେଲା ଗୁମର



ଭୁବନେଶ୍ୱର, ୨୭/୦୮ (ନି.ପ୍ର): ସିବିଆଇ ଅଧିକାରୀ କହି ରାତି ଅଧରେ ଘରେ ପଶି ୨ କୋଟି ଟଙ୍କା ଲୁଟି ନେଇଥିଲେ। ହେଲେ ଦୁର୍ଭାଗ୍ୟକୁ ଛାଡ଼ି ଯାଇଥିଲେ ବ୍ୟାଗ। ସେହି ବ୍ୟାଗକୁ ଘାଣ୍ଟି ଘାଣ୍ଟି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ନନ୍ଦନବିହାର ଲୁଟ୍ ମାମଲାରେ ପୁଲିସ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କିଛି ସୁନା ଅଲଙ୍କାର ଓ କୋଟିଏ ଦୁଇ ଟଙ୍କା ଜବତ କରିଛି। ଅଗଷ୍ଟ ୨ ତାରିଖ ବିଳମ୍ବିତ ରାତି ନନ୍ଦନ ବିହାରର ନିବାରଣ ପାଣି ଓ ତାଙ୍କ ପୁଅ ଘରେ ଥିଲେ। ଠିକ୍ ସେହି ସମୟରେ ୫ ଜଣ ଯୁବକ ଭଦ୍ର ଲୋକଙ୍କ ପରି ଘରେ ପଶିଥିଲେ। ଆଉ ନିଜକୁ ସିବିଆଇ ଅଫିସରଙ୍କ ପରିଚୟ ଦେଇଥିଲେ। ପରେ ନିବାରଣଙ୍କ ମୁହଁରେ ଟ୍ୟାପ୍ ମାରିଦେଇଥିଲେ ଓ ତାଙ୍କ ପୁଅଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ତା'ପରେ ପୂରା ଘରର ତଲାସୀ ଥିଲେ। ଜଣେ ବ୍ୟକ୍ତି ବନ୍ଧୁକ ଦେଖାଇ ବାପ-ପୁଅଙ୍କୁ ଡ଼ରାଉଥିଲା ବେଳେ ଅନ୍ୟମାନେ ଘରେ ଥିବା ୨ କୋଟି ଟଙ୍କାକୁ ଏକାଠି କରିଥିଲେ। ଏପରିକି ସୁନା ଅଳଙ୍କାରକୁ ମଧ୍ୟ ନେଇଯାଇଥିଲେ। ଲୁଟ୍ ପରେ ଆଖି ପିଛୁଳାକେ ସେଠୁ ମାରିଥିଲେ ଚମ୍ପଟ୍ ମାରିଥିଲେ। ବେଶ୍ ଚାଲାକର ସହ ଘଟିଥିବା ଏହି ଲୁଟର ଖିଅ ମିଳିଥିଲା ଅଭିଯୁକ୍ତ ଛାଡ଼ି ଯାଇଥିବା ଏକ ବ୍ୟାଗରୁ। ଅପରାଧୀମାନେ ଭୁଲରେ ସେହି ଘରେ ଏକ ବ୍ୟାଗକୁ ଛାଡ଼ି ପଳାଇଥିଲେ। ଯେଉଁଥିରେ ଥିଲା ଏକ ପୁରୁଣା ସିମ କାର୍ଡ।

▶▶ପୃଷ୍ଠା ୭

# ଅଗଷ୍ଟ ୩୧ରୁ କଳାହାଣ୍ଡିର ଉତ୍‌କେଳାକୁ ଉଡ଼ିବ ବିମାନ

କଳାହାଣ୍ଡି , ୨୭/୦୮ (ନି.ପ୍ର): କଳାହାଣ୍ଡି ଜିଲାର ଉତ୍‌କେଳାକୁ ଚଳିତ ମାସ ୩୧ ତାରିଖରୁ ଆରମ୍ଭ ହେବ ବିମାନ ଚଳାଚଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବେ। ସେହିପରି କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ମଧ୍ୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉପସ୍ଥିତ ରହି ପତାକା ଦେଖାଇ ଏହାର ଶୁଭାରମ୍ଭ କରିବେ। ସେହି ଦିନ ସକାଳ ୧୦ଟା ୩୫ରେ ବିମାନଟି ଭୁବନେଶ୍ୱରରୁ ଉତ୍‌କେଳା ଅଭିମୁଖେ ଯାତ୍ରା କରିବ। ଉତ୍‌କେଳା ହେବ ରାଜ୍ୟର ୫ମ ବିମାନ ବନ୍ଦର, ଯେଉଁଠାକୁ ବିମାନ ଉଡ଼ିବ। ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ ଭୁବନେଶ୍ୱରରୁ ଉତ୍‌କେଳାକୁ ବିମାନ ଚଳାଚଳ କରିବ। ପ୍ରତ୍ୟେକ ଦିନ ଗୋଟିଏ ଥର ବିମାନ ଚଳାଚଳ କରିବ। ଅର୍ଥାତ୍ ଭୁବନେଶ୍ୱରରୁ ଉତକେଳାକୁ ଯିବ ଓ ସେଠାରୁ ଭୁବନେଶ୍ୱରକୁ ଫେରିବ। ପ୍ରାରମ୍ଭିକ ସ୍ତରରେ ବିମାନ କେବଳ ଭୁବନେଶ୍ୱରରୁ ଉତ୍‌କେଳାକୁ ଯିବ। ପରବର୍ତ୍ତୀ ସମୟରେ ଏହାକୁ ରାୟପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ। ଅର୍ଥାତ୍ ବିମାନ ଭୁବନେଶ୍ୱରରୁ ଉତ୍‌କେଳା ଯାଇ ସେଠାରୁ ରାୟପୁର ଯିବ। ସେହିପରି ବିମାନ ରାୟପୁରରୁ ଉତ୍‌କେଳା ଆସିବ ଓ ସେଠାରୁ ଭୁବନେଶ୍ୱର ଫେରିବ।

# ଅଧା ରହିଗଲା ମା'ଙ୍କ ଶ୍ରାଦ୍ଧ: ବାପ ଘରେ ପହଞ୍ଚିବା ପୂର୍ବରୁ ଉଠିଲା କୋକେଇ

ଭୋଗରାଇ, ୨୭/୦୮ (ନି.ପ୍ର): ମାଆଙ୍କ ଶ୍ରାଦ୍ଧ ବାର୍ଷିକୀରେ ଭାଗ ଦେବା ପାଇଁ ଯାଉଥିଲେ। ସାଥୀରେ ଥିଲେ ସାତ ଜନମର ଜୀବନ ସାଥୀ। ସେଥିପାଇଁ ବହୁ ଉତ୍ସାହିତ ଥିଲେ ଜୟଶ୍ରୀ। ହେଲେ ଅଧା ବାଟରେ ଧୋକା ଦେଲା ସମୟ। ବାପ ଘରେ ପହଞ୍ଚିବା ପୂର୍ବରୁ ଉଠିଲା କୋକେଇ। ଆଉ ଲୋହରେ ଭିଜିଲା ଶାଶୁ ଘରଠାରୁ ବାପଘର। ସେପଟେ ବଞ୍ଚିବା ପାଇଁ ଜୀବନ ସହ ସଂଘର୍ଷ କରୁଛନ୍ତି ସ୍ୱାମୀ। ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଆଜି ଏମିତି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୋଗରାଇ ବ୍ଲକ୍ ରସଲପୁର ଗାଁର ଅଚିନ୍ତ ମହାପାତ୍ର ଫତେଇ ଏମ୍‌ଇ ସ୍କୁଲରେ ଶିକ୍ଷକ। ତାଙ୍କ ପତ୍ନୀ ଜୟଶ୍ରୀ ରସଲପୁର ଅଙ୍ଗନବାଡି କର୍ମୀ। ଆଜି ମାଆଙ୍କ ଶ୍ରାଦ୍ଧବାର୍ଷିକୀ ଥିବାରୁ ସ୍ୱାମୀଙ୍କ ସହିତ ସ୍କୁଟିରେ ବାପଘର କାଳେହି ଗାଁକୁ ଯାଉଥିଲେ ଜୟଶ୍ରୀ। ବହୁଦିନ ପରେ କର୍ମ ଯଞ୍ଜାଳରୁ ସମୟ ମିଳିଥିବାରୁ ବାପ ଘରକୁ ଯାଉଥିବାରୁ ବେଶ ଖୁସି ଥିଲେ ଜୟଶ୍ରୀ। ହେଲେ ତାଙ୍କର ସେହି ଖୁସିରେ ଲାଗିଲା କାହାର ନଜର ଭୋଗରାଇ ଥାନା ଛକ ନିକଟରେ ପଛ ପାର୍ଶ୍ୱରୁ ଆସୁଥିବା



ବାଲି ବୋଝେଇ ଡମ୍ଫର ଧକ୍କା ଦେଇଥିଲା। ସ୍କୁଟିରୁ ଛିଟିକି ହୋଇ ରାସ୍ତାରେ ପଡ଼ିଥିଲେ ସ୍ୱାମୀ-ସ୍ତ୍ରୀ। ଧକ୍କା ଦେବା ପରେ ଡମ୍ଫରଟି ଜୟଶ୍ରୀ ଦୁଇ

▶▶ପୃଷ୍ଠା ୭

## ବଣାଇ ଉପକାରାଗାରରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ରାଉରକେଲା, ୨୭/୦୮ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପକାରାଗାରରେ ବିଚାରାଧୀନ କଏଦୀ ଶୁକ୍ରାମ ମୁଣ୍ଡା (୨୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର କେ ବଲାଙ୍ଗ ଥାନା ଅନ୍ତର୍ଗତ ଲଙ୍ଗଳକଟା ଅଞ୍ଚଳରେ। ସୂଚନା ଅନୁଯାୟୀ, ଆଜି ସକାଳେ ଶୁକ୍ରାମ ମୁଣ୍ଡା ଚୁଟି କାଟିବା ପରେ ଖାଦ୍ୟ ମଧ୍ୟ ଖାଇଥିଲେ। କିନ୍ତୁ ତାପରେ ସେ ହଠାତ ଟଳିପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଶୁକ୍ରାମ ମୁଣ୍ଡାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ମୃତକଙ୍କ ଶବକୁ ବ୍ୟବଚ୍ଛେଦ ଗୃହକୁ ପଠାଯାଇଛି। ବଣାଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ଲୋହାର୍ଗଲ ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଉପରାଷ୍ଟ୍ରପତି

ଝୁଝୁନୁ, ୨୭/୦୮ (ନି.ପ୍ର): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ତାଙ୍କ ପତ୍ନୀ ସୁଦେଶ ଧନଖଡ ରବିବାର ଦିନ ରାଜସ୍ଥାନର ଝୁଝୁନ ଜିଲ୍ଲା ଗସ୍ତ କରିଛନ୍ତି । ଏହି ଅବସରରେ ସେ ଲୋହାର୍ଗଲ ସୂର୍ଯ୍ୟମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ପରେ ପରେ ସେ ହେଲିକପ୍ଟର ଯୋଗେ ଝୁଝୁନ ଏୟାରପୋର୍ଟ ଯାଇଥିଲେ। ପରେ ସଡକ ମାର୍ଗରେ ରାଣୀ ସତୀ ମନ୍ଦିର ଯାଇଥିଲେ । ସେଠାରେ ଦର୍ଶନ କରିବା ପରେ ସୈନିକ ସ୍କୁଲ ଯାଇ ଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଉପରାଷ୍ଟ୍ରପତି ଧନଖଡ ଲୋହାର୍ଗଲ ସୂର୍ଯ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଟ୍ୱିଟ କରିଥିଲେ । ଏହି ଟ୍ୱିଟରେ ସେ ଲେଖିଛନ୍ତି ସୂର୍ଯ୍ୟଦେବଙ୍କୁ ନମସ୍କାର ।

▶▶ପୃଷ୍ଠା ୭

# ସୌମ୍ୟଙ୍କ ସମ୍ପାଦକୀୟକୁ ନେଇ ରାଜନୀତିରେ ଝଡ଼: ଘେରିଲେ ବିରୋଧୀ



ଭୁବନେଶ୍ୱର, ୨୭/୦୮ (ନି.ପ୍ର): ବରିଷ୍ଠ ବିଜେଡି ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ସମ୍ପାଦକୀୟ ଲେଖାକୁ ନେଇ ରାଜ୍ୟ ରାଜନୀତିରେ ଝଡ଼। ଏହି ଲେଖାର ଶୀର୍ଷକ ରହିଛି "ଆତ୍ମବିଭୋର ପ୍ରଶାସକ ଓ ଅସହାୟ ରାଜନେତା"। ଏଥର ସିଧା ଫାଇଭ-ଟି ସଚିବ, ଏପରିକି ନିଜ ଦଳର ସରକାରକୁ ଟାର୍ଗେଟ କରିଛନ୍ତି ସୌମ୍ୟ ପଟ୍ଟନାୟକ। ବିଭିନ୍ନ ପ୍ରସଙ୍ଗ ଉଠାଇ ଆଇନା ଦେଖାଇବାକୁ ଚେଷ୍ଟା କରିଛନ୍ତି ବିଜେଡିର ଏହି ବରିଷ୍ଠ ନେତା। ସଂପାଦକୀୟ ସେ ଲେଖିଛନ୍ତି, କେବଳ ନିଜ ଭାବମୂର୍ତ୍ତି ନିର୍ମାଣ ପାଇଁ ଜିଲ୍ଲାକୁ ଜିଲ୍ଲା ଗସ୍ତ କରୁଛନ୍ତି ଫାଇଭ-ଟି ସଚିବ। ସେହି ସଭାଗୁଡ଼ିକରେ ସେ ଯାହା କହୁଛନ୍ତି, ସେଥିରେ ରହିଛି ବିଲକ୍ଷଣ। ଏପରିକି ଉଚିତ ଅନୁଚିତ ଭୁଲି ଯାଉଛନ୍ତି। ଏପରିକି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଗୋଟିଏ ସଭାରେ ଫାଇଭ-ଟି ସଚିବ କହିଥିଲେ ବୋଲି ସୌମ୍ୟ ଲେଖିଛନ୍ତି। ବିଭିନ୍ନ ଜିଲ୍ଲାକୁ ୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ଖର୍ଚ୍ଚକୁ ଚନ୍ଦ୍ରୟାନ-୩ ମିଶନ ଖର୍ଚ୍ଚ ସହ ତୁଳନା କରିଛନ୍ତି। ଇସ୍ରୋ ଚନ୍ଦ୍ରୟାନ-୩ ମିଶନ ପାଇଁ ୬ ଶହ କୋଟି ଖର୍ଚ୍ଚ କରିଥିବା ବେଳେ ଆମ ୫-ଟି ସଚିବ ୩୦ଟି ଜିଲ୍ଲାର ଓଡ଼ିଶା ଭ୍ରମଣରେ ପାଖାପାଖି ସେତିକି ଖର୍ଚ୍ଚ କରିଥିବେ ବୋଲି ଅଭିଯୋଗ ହେଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ଲେଖିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ସଚିବ ଯଶପାଲ କାପୁର ପ୍ରଚାର କାର୍ଯ୍ୟରେ ସହାୟତା କରିଥିଲେ। ତାଙ୍କ ସପକ୍ଷରେ ଶ୍ରୀ କାପୁର ନିର୍ବାଚନୀ ଭାଷଣ ଦେଇଥିବାରୁ ଆହ୍ଲାବାଦ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ। ପାଣ୍ଡିଆନଙ୍କ କେତେକ ଆଚରଣ ଯଶପାଲଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ସୌମ୍ୟରଂଜନ ଉଲ୍ଲେଖ କରିଛନ୍ତି। ନିର୍ବାଚନ ପୂର୍ବରୁ ଏସବୁ ସଭା ରାଜନୈତିକ ଦଳମାନଙ୍କର ଏକ ସଭାପରି ମନେ ହେଉଛି। ଏସବୁ ସଭାରେ ଲୋକ ପ୍ରତିନିଧି ଓ ରାଜନେତାମାନଙ୍କ ସଂପୃକ୍ତି ଥିଲେ ମଧ୍ୟ ସେମାନେ ମଞ୍ଚରେ ଦୃଶ୍ୟମାନ ହେଉନାହାନ୍ତି। ମଞ୍ଚରେ କେବଳ ୫-ଟି ସଚିବଙ୍କୁ ଦେଖିବାକୁ ମିଳୁଛି। ଏହା ଭିନ୍ନ ଏକ ମାନସିକତାର ପରଚୟ ଦେଉଛି। ଅପରାଧୀ ନିଜର ଛାଇକୁ ଦେଖି ଡ଼ରିଲା ଭଳି ସେ ଅନ୍ୟ କାହାର ଉପସ୍ଥିତିକୁ ଆଦୌ ବରଦାସ୍ତ କରିପାରୁ ନାହାନ୍ତି ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ସମ୍ପାଦକୀୟରେ ଲେଖିଛନ୍ତି। ମହିଳାମାନଙ୍କୁ ବିଜେଡି ସରକାର ସବୁ ବେଳେ ଅଗ୍ରାଧିକାର ଦେଉଥିବା ବେଳେ ମଣିପୁର ହିଂସା ପ୍ରସଙ୍ଗରେ କାହିଁକି ଚୁପ୍ ରହିଲା ବୋଲି ପରୋକ୍ଷରେ ଉଲ୍ଲେଖ କରିଛନ୍ତି ସୌମ୍ୟ ପଟ୍ଟନାୟକ। ଏମିତିକି ପାଣ୍ଡିଆନ ଛାତ୍ରମାନଙ୍କୁ ଉଦବୋଧନ ଦେଇ ସମାବେଶରେ କହିଥିଲେ, ମଦ୍ୟପାନଠାରୁ ଦୂରେଇ ରୁହ, ହେଲେ ଓଡ଼ିଶାର ନିଶା ନିବାରଣ ପ୍ରତି ସରକାର ସେପରି ଯତ୍ନବାନ ଥିଲା ପରି ମନେ ହେଉନି। ଗତ କିଛିବର୍ଷ ଧରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ହେଉନି। ଛାତ୍ରଛାତ୍ରୀମାନେ କେଜାଣି କାହିଁକି ତାଙ୍କର ସର୍ବନିମ୍ନ ଗଣତାନ୍ତ୍ରିକ ଅଧିକାର

▶▶ପୃଷ୍ଠା ୭

# ରାହୁଲ ଗାନ୍ଧି ହେବେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ: ଅଶୋକ ଗେହଲଟ



ନୂଆଦିଲ୍ଲୀ,୨୭/୦୮ : ୨୦୨୪ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ହେବେ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। ଶନିବାର ଏକ ଜାତୀୟ ଗଣମାଧ୍ୟମକୁ ଏହି କଥା କହିଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ। ସେ କହିଛନ୍ତି, ବର୍ତ୍ତମାନ ଦେଶରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ତାହା ବିରୋଧୀ ଦଳଗୁଡ଼ିକ ଉପରେ ପ୍ରବଳ ଚାପ ପକାଇଥିଲା। ତେଣୁ ସେମାନେ ଏକାଠି ହୋଇ ଇଣ୍ଡିଆ (ଓ.ଘ.ଡ.ଓ.ଇ) ନାଁରେ ମେଣ୍ଟ କରିଛନ୍ତି। ୨୬ଟି ଦଳ ବସି ଆଲୋଚନା କରିବା ପରେ ଏହି ମେଣ୍ଟ ଗଠନ ହୋଇଛି। ତେବେ କଂଗ୍ରେସ ରାହୁଲ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ଗେହଲଟ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅହଙ୍କାରୀ ହେବା ଉଚିତ ନୁହେଁ। ବିଜେପି ମାତ୍ର ୩୧% ଭୋଟରେ କ୍ଷମତାକୁ ଆସିଛି। ବାକି ୬୯% ଭୋଟ ତାଙ୍କ ବିପକ୍ଷରେ ଯାଇଛି। ଗତମାସରେ ବେଙ୍ଗାଲୁରୁରେ ଇଣ୍ଡିଆ ମେଣ୍ଟର ବୈଠକ ବସିଥିବା ବେଳେ ଏନ୍‌ଡିଏ ପୂରା ଡରି ଯାଇଥିଲା। ଗେହଲଟ କହିଛନ୍ତି, ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୫୦% ଭୋଟ୍ ପାଇବା ପାଇଁ ଉଦ୍ୟମ କରୁଛି ବୋଲି କୁହାଯାଉଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେହି ସଫଳତା ମିଳିବ ନାହିଁ। ଯେତେବେଳେ ମୋଦି ଲୋକପ୍ରିୟତାର ଶୀର୍ଷରେ ଥିଲେ, ସେତେବେଳେ ସେ ୫୦% ଭୋଟ୍ ହାତେଇ ପାରି ନଥିଲେ। ୨୦୨୪ ନିର୍ବାଚନରେ ସେମାନଙ୍କ ଭୋଟ୍ ହାର ହ୍ରାସ ପାଇବ। ୨୦୨୪ ନିର୍ବାଚନ ଫଳାଫଳ ଆସିବା ପରେ ଜଣାପଡ଼ିବ କିଏ ପ୍ରଧାନମନ୍ତ୍ରୀ ହେବ।

# ଧରାପଡ଼ିଲା ୧୮୦ କେଜି ଗଞ୍ଜେଇ: ୭ ଅଭିଯୁକ୍ତ ଜେଲ୍ ଗଲେ




ଦେଓଗାଁ, ୨୭/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ୩ଟି ସ୍ଥାନରେ ଶନିବାର ଅବକାରୀ ବିଭାଗ ଚଢ଼ଉ କରି ଗଞ୍ଜେଇ ଚାଲାଣ କରୁଥିବା ୭ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇଛି। ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା ଗୁଞ୍ଜିତରା ଗାଁର ଅକ୍ରୁର ବିଭାର, ସୁଶାନ୍ତ ବିଭାର, ଥବିର ବିଭାର, ସୁରେନ୍ଦ୍ର ଦୀପ, ଅଶୋକ ଦୀପ, ଗେଡ଼ାବାଞ୍ଜିର ପ୍ରମୋଦ ସେଠ ଓ ଦେଓଗାଁ ଥାନା ରତନପୁର ଗାଁର ବୈଚନ୍ଦ୍ର ସୁନା। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୮୦ କେଜି ଗଞ୍ଜେଇ, ୨ଟି କାର ଓ ୭ଟି ମୋବାଇଲ୍ ଫୋନ୍ ଜବତ କରିଛି। ଅବକାରୀ ବିଭାଗର ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଟରୁ ଏହି ଗଞ୍ଜେଇ ମାଫିଆମାନେ ଦୁଇଟି କାର୍ର ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ମିଳିଥିଲା। ଏମାନେ କେନ୍ଦୁଘାଟ-ଅର୍ଜୁନପୁର ରାସ୍ତାରେ ଯାଉଥିବା ସୂଚନା ପାଇ ଅବକାରୀ ମୋବାଇଲ ୟୁନିଟ ଚଢ଼ଉ କରିଥିଲା। ଦେଓଗାଁ ବ୍ଲକ୍ ଡାହିମାଲ ଓ ଭାଲେର ଛକ ଏବଂ ଦେଓଗାଁଠାରେ ଏମାନଙ୍କୁ ଅଟକାଇ ଗାଡ଼ି ଯାଞ୍ଚ କରିଥିଲା। କାରରୁ ଗଞ୍ଜେଇ ମିଳିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଥିଲା। ଏହି ଚଢ଼ଉରେ ଅବକାରୀ ଥାନା ଆଇଆଇସି ସରୋଜ ପରିଡ଼ା, ଏସ୍ଆଇ ପଦ୍ମଲୋଚନ ନାଏକ, ମଞ୍ଜୁ ପ୍ରତିମା ଏକ୍କା, ଏଏସ୍ଆଇ ମଳୟ ପଧାନ, ଦୟାନିଧି ବାରିକ, କନେଷ୍ଟବଳ ରାମାଂଶୁ ଷଡ଼ଙ୍ଗୀ, ଜିତେନ୍ଦ୍ର ସାହୁ, ଆଲୋକ ପଧାନ, ଚିତ୍ତ ପଧାନ ସାମିଲ ଥିଲେ।

# 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ: ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀ ଗଲେ ସିଙ୍ଗାପୁର

ଭୁବନେଶ୍ୱର, ୨୭/୦୮ (ନି.ପ୍ର): ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀମାନଙ୍କ ଭିତରୁ ପ୍ରତିବର୍ଷ ୪୦ ଜଣଙ୍କୁ ବଛାଯାଇ 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯାଉଛି। ୨୦୨୨-୨୩ ବ୍ୟାଚର ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଶନିବାର ଦିନ ସିଙ୍ଗାପୁରରେ ପହଞ୍ଚିଛନ୍ତି। ଏହି ଛାତ୍ରଛାତ୍ରୀମାନେ ଭୁବନେଶ୍ୱର-ସିଙ୍ଗାପୁର ସିଧାସଳଖ ବିମାନ ଯୋଗେ ଶନିବାର ସକାଳୁ ଯାତ୍ରା କରିଥିଲେ। ପ୍ରଥମଥର ପାଇଁ ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଜାତୀୟ ମାନର ତାଲିମ ପାଇଁ ଏଭଳି ସୁଯୋଗ ମିଳୁଥିବାରୁ ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସିଙ୍ଗାପୁର ଯାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ




ଜଣାଇଛନ୍ତି। ଏହି ଅନୁଭୂତି ସେମାନଙ୍କ ଶିକ୍ଷା ଓ ତାଲିମକୁ ଏକ ନୂଆ ଦିଗ ଦେବା ସହ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି ସେ କହିଛନ୍ତି। ''ବିଦେଶ ଯାଇ ବିଶ୍ୱସ୍ତରୀୟ ଶିକ୍ଷା ସୁଯୋଗ ପାଇବି ବୋଲି ମୁଁ କେବେ ଭାବି ନଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେବା ଫଳରେ ମୋ' ପାଇଁ ଆଜି ତାହା ସାକାର ହୋଇଛି। ସିଙ୍ଗାପୁରରେ ମୁଁ ନୂଆ ନୂଆ କଥା ଶିଖିବା ସହ ଏଭଳି ଏକ ନୂଆ ପରିବେଶ ଦେଖିବାର ସୁଯୋଗ ପାଇବି'', କହନ୍ତି 'ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେସନ'ର ଛାତ୍ର ଆୟୁଷ ପ୍ରଧାନ। ''ସିଙ୍ଗାପୁରରେ ଆମକୁ ଡ୍ରୋନ ଏବଂ ରୋବୋଟିକ୍ସ ବିଷୟରେ ବହୁତ କିଛି ନୂଆ କଥା ଶିଖିବାକୁ ମିଳିବ। ତା'ଛଡ଼ା ସିଙ୍ଗାପୁରର ବିଭିନ୍ନ ସ୍ଥାନକୁ ଅତି ପାଖରୁ ଦେଖିବାକୁ ପାଇବି। ତେଣୁ ଏଥିପାଇଁ ମୁଁ ବହୁତ ଉତ୍ସାହିତ'', କହନ୍ତି 'ଇଲେକ୍ଟ୍ରିକାଲ ଟେକ୍ନୋଲୋଜି'ର ଛାତ୍ରୀ ଅଲିଭା ପ୍ରିୟଦର୍ଶିନୀ ସାହୁ। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ୨ ସପ୍ତାହ ପାଇଁ ସିଙ୍ଗାପୁରର ଇନଷ୍ଟିଚ୍ୟୁଟ ଅଫ୍ ଟେକନିକାଲ ଏଜୁକେସନକୁ (ଆଇଟିଇ) ପଠାଯାଉଛି।ଏହି ସମୟ ମଧ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଯାଇଥିବା ଛାତ୍ରଛାତ୍ରୀମାନେ 'ଆଇଟିଇ'ରେ ଅତିରିକ୍ତ ତାଲିମ ନେବା ସହ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସହ ମିଶିବାର ସୁଯୋଗ ପାଇବେ। ତା'ଛଡ଼ା ସେମାନେ ସିଙ୍ଗାପୁର ଭଳି ଅତ୍ୟାଧୁନିକ ସହରର ବିଭିନ୍ନ ସ୍ଥାନ ବୁଲି ଦେଖିବେ। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ତଥା ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧୀନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରରେ ସ୍ଥାପନ କରାଯାଇଛି 'ବିଶ୍ୱ ଦକ୍ଷତା କେନ୍ଦ୍ର'। ଏଠାରେ ୭ଟି ଅତ୍ୟାଧୁନିକ ବିଷୟରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନିସିଙ୍ଗ୍ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ ଦୁନିଆ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରାଯାଉଛି।

# ବିଜେପିର ଭୋଟର ସଚେତନତା ମହାଅଭିଯାନ

କୋରେଇ, ୨୭/୦୮ (ନି.ପ୍ର): ଆଜି କୋରେଇ ବିଜେପି ପକ୍ଷରୁ ଜହ୍ନା ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ ଙ୍କ ସଂଯୋଜନା ରେ ଭୋଟର ସଚେତନତା ମହା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁ ମାନେ ୧୮ ବର୍ଷରେ ପଦାର୍ପଣ କରିଛନ୍ତି ସେହି କିଶୋର କିଶୋରୀମାନଙ୍କୁ ନୂତନ ଭୋଟର ଭାବେ ତାଲିକା ରେ ନାମ ସଂଯୋଗ କରିବା ପାଇଁ ପ୍ରତି ବୁଥ ରେ ଦଳ ତରଫରୁ ନିଯୁକ୍ତ ବିଏଲଏ ମାନେ ଦାୟିତ୍ୱ ନେବେ। ବୁଥ କମିଟି ର କାର୍ଯ୍ୟକର୍ତା ମାନେ ଶକ୍ତିକେନ୍ଦ୍ର ପ୍ରମୁଖ ଓ ସହ ପ୍ରମୁଖ ମାନେ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଏହି କାର୍ଯ୍ୟକ୍ରମ ରେ ପରାମର୍ଶ ଦିଆଯାଇଥିଲା। ଏଥିସହିତ ପ୍ରତି ବୁଥ ରେ ଭୂତ ଭୋଟର ଙ୍କୁ ଭୋଟର ତାଲିକା ରୁ ବାଦ୍ କରିବାକୁ ଅଭିଯୋଗ ଫର୍ମ ଦାଖଲ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଜେପି ନେତା ବିଶ୍ୱଜିତ ନାୟକ, ଲୋକସଭା ସଂଯୋଜକ ସୁଦୀପ୍ତ ପଣ୍ଡା, ଲୋକସଭା ବିସ୍ତାରକ ରାଧାମାଧବ ପରିଡା,ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ବିକ୍ରମ ବିଶ୍ୱାଳ, ଜିଲ୍ଲା ଉପସଭାପତି ପ୍ରମୋଦ ନାୟକ, ସଂପାଦିକା ଦିପ୍ତିମୟୀ କୁଅଁର, ମଣ୍ଡଳ ସଭାପତି ରବିନ୍ଦ୍ର ବେହେରା,ନିଳମାଧବ ଚକ୍ର, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶେଷରେ ଉପସଭାପତି ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାରେ ମୁଖ୍ୟ ବିଚାରପତି: ତଦାରଖ କଲେ ମଡେଲ କୋର୍ଟ ନିର୍ମାଣ କାର୍ଯ୍ୟ

ରାଉରକେଲା, ୨୭/୦୮ (ନି.ପ୍ର): ହାଇକୋର୍ଟର ମୁଖ୍ୟ ବିଚାରପତି ସୁବାଶୀଷ ତାଳପତ୍ର ଆଜି ଦିନିକିଆ ଗସ୍ତରେ ଆସି ପର୍ବାହ୍ନ ସାଢ଼େ ୯ଟାରେ ରାଉରକେଲା କୋର୍ଟରେ ପହଞ୍ଚିଥିଲେ। ରାଉରକେଲା କୋର୍ଟରୁ ଆବାସି ମାଧ୍ୟମରେ କଟକରେ ଆୟୋଜିତ ରାଜ୍ୟସ୍ତରୀୟ ବାଳଅପରାଧୀ ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ନିଜର ବକ୍ତବ୍ୟ ରଖିଥିଲେ। ତାଙ୍କୁ କୋର୍ଟ ପରିସରରେ ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟ ବିଚାରପତି ଶ୍ରୀ ତାଳପତ୍ର, ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାସ, ସୁନ୍ଦରଗଡ଼ ଜିଲ୍ଲାଜଜ୍ ସୁଭଦର୍ଶୀ ପଟ୍ଟନାୟକ ଓ ଅନ୍ୟ ବିଚାରପତିଙ୍କ ସହ କୋର୍ଟ ପରିସରରେ ନିର୍ମାଣଧୀନ ମଡେଲ କୋର୍ଟ କାର୍ଯ୍ୟ ତଦାରଖ କରିଥିଲେ। ଚାଲିଥିବା କାମ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ମନୋଜ କୁମାର ମହାନନ୍ଦଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୋର୍ଟ ନିର୍ମାଣ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷର ମୁଖ୍ୟ ବିଚାରପତି ଶ୍ରୀ ତାଳପତ୍ର ରାଉରକେଲା ବାର ଆସୋସିଏସନ୍‌ର ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଉରକେଲା ବାର ଉନ୍ନତିକରଣ ପାଇଁ ଆଇନଜୀବୀମାନେ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ଆଇନଜୀବୀ, ସଭାପତି ଓ ସାଧାରଣ ସମ୍ପାଦକ କୋର୍ଟର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାଇଥିଲେ।

# ପଶ୍ଚିମାଂଚଳ ଏକତା ମଂଚ ନାରୀଶକ୍ତି ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ସମ୍ବଲପୁର, ୨୭/୦୮ (ନି.ପ୍ର): ସମ୍ବଲପୁର ସହରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ସଂଗଠନ ପଶ୍ଚିମାଂଚଳ ଏକତା ମଂଚର ନାରୀଶକ୍ତୀ ପକ୍ଷରୁ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲେଡି ଲୁଇସ୍ ଗାର୍ଲସ ହାଇସ୍କୁଲ ପରିସରରେ ପ୍ରକୃତି କବି ଗଂଗାଧର ମେହେରଙ୍କ ଜନ୍ମଦିନ ଅବ୍ୟବହିତ ପୂର୍ବରୁ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ଦ୍ୱାରା ଜଗତଜନନୀ ମାଁ ସମଲେଇ ଏବଂ ଗଙ୍ଗାଧର ମେହେରଙ୍କ ପ୍ରତିକ୍ରୁତିରେ ମାଲ୍ୟାର୍ପଣ ଏବଂ ପୂଜାବିଧାନ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା । ଏହି ଅବସରରେ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ଏବଂ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ରହିଥିଲେ । ପଶ୍ଚିମାଂଚଳ ଏକତା ମଂଚ ନାରୀଶକ୍ତୀ ସଂଯୋଜିକା ପଙ୍କଜିନୀ ମେହେରଙ୍କ ତତ୍ତ୍ୱାବଧାନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତା ଆବୃତି ଏବଂ ଆତ୍ମଜୀବନୀ ଉପରେ ସମ୍ବଲପୁରୀ ଭାଷାରେ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଅନେକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ପ୍ରଭାତୀ ପଣ୍ଡା - ପ୍ରଥମ, ଲିଜା ସାହୁ -ଦ୍ୱିତୀୟ, ସିମରନ୍ ନାୟକ -ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ଚିନ୍ମୟୀ ସେଠ୍ -ପ୍ରଥମ, ବର୍ଷାରାଣୀ ନାୟକ -ଦ୍ୱିତୀୟ, ରଚିକା ରାଣୀ ପାଢୀ -ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମଂଚ ପକ୍ଷରୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, କମଳିନୀ ଆଚାର୍ଯ୍ୟ, ନିରୁପମା ଅଦାବର, ମଞ୍ଜୁ ସରାଫ୍, ମୋନାଲିସା ପ୍ରଧାନ, ସୀମା ଶତପଥୀ, ଦେବାଞ୍ଜଳି ଆର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପଶ୍ଚିମାଂଚଳ ଏକତା ମଂଚ ନାରୀଶକ୍ତି ଜିଲ୍ଲା ସଂଯୋଜିକା ସ୍ୱସ୍ତିକା ନାୟକ, ସହ ସଂଯୋଜିକା ପଙ୍କଜିନୀ ବୈଠାରୁ, ନାରୀଶକ୍ତୀ ସହ ସଂଯୋଜିକା ଝୁନୁ ତ୍ରିପାଠୀ, ମହିଳା ସଂଯୋଜିକା କାନ୍ତି ମେହେର, ଶାଖା ସଂଯୋଜିକା ସୁଜାତା ଗୁରୁ, ଏବଂ ଲକ୍ଷ୍ମୀପ୍ରିୟା ପ୍ରଧାନ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପିର ସମ୍ବିଧାନ ବିରୋଧୀ ନୀତିରେ ସିପିଏମ୍‌ର ରଣ ହୁଙ୍କାର

କେନ୍ଦ୍ରାପଡ଼ା, ୨୭/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କମ୍ୟୁନିଷ୍ଟ ସିପିଏମ୍ ଶାଖା ପକ୍ଷରୁ ଏକ ବୈଠକ ବିଜେପିର ସମ୍ବିଧାନ ବିରୋଧୀ ନୀତି ଉପରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ କମ୍ୟୁନିଷ୍ଟ ନେତା ବାବାଜୀ ଧଳ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସଂପାଦକ ରମଣୀ ରଞ୍ଜନ ରାଉତରାୟ ବିଗତ ଦିନର କାମ ଦାମର ବିବରଣୀ ଆଗାମୀ ସେପ୍ଟେମ୍ବର ପହିଲାରୁ କୃଷକମାନଙ୍କର ଦାବି ଦିବସରେ ଜିଲ୍ଲା ବ୍ୟାପି ଆନ୍ଦୋଳନ, ଦରଦାମ୍ ବୃଦ୍ଧି, ଚାଷୀ ଫସଲର ଉଚିତ୍ ମୁଲ୍ୟ ପ୍ରଦାନ, ଚାଷୀଙ୍କୁ ମାସିକ ସର୍ବନିମ୍ନ ୪ ହଜାର ଟଙ୍କା ପେନଶନ ପ୍ରଦାନ, ଜିଲ୍ଲାରେ ବୃହତ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିର୍ମାଣ କରିବା, ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା, ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ସହିତ ସମ୍ବିଧାନ ଓ ଗଣତନ୍ତ୍ର ଉପରେ ବିଜେପିର ନେତୃତ୍ୱାଧୀନ ସରକାର ଯୋଜନାକୁ ପଣ୍ଡ କରିବା ପାଇଁ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଦିକନ୍ଦ ରାଉଳ, ନିରଞ୍ଜନ ଦାସ, ପଦ୍ମନାଭ ଦାସ, ଅଭୟ ଦାସ, ପ୍ରଦିପ୍ତ ବେହେରା, ଅଜୟ ସାମଲ, ମିର୍ ମୁକ୍ତାର, ସଂଯୁକ୍ତା ରାଉତ, ଅମର ନାୟକ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ସମସ୍ତ ତହସିଲରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ନେଇଛନ୍ତି ।

## ସୁନା ଗହଣା ସଫେଇ ଆଳରେ ମହିଳାଙ୍କଠାରୁ ଲୁଟ୍

ଖୋର୍ଦ୍ଧା, ୨୭/୦୮ (ନି.ପ୍ର): ସୁନା ଗହଣା ସଫେଇ ଆଳରେ ମହିଳାଙ୍କୁ ଲୁଟ୍ । ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା ଅନ୍ତର୍ଗତ ବଡ଼ପାରି ପଂଚାୟତର ନୂଆ ଗାଁରେ। ଲୁଟେରା ଜଣକ ନିଜକୁ ରୟାଲ କମ୍ପାନୀ କର୍ମଚାରୀର ପରିଚୟ ଦେଇଥିଲେ। ପରେ ସୁନା ଗହଣା ସଫେଇ କରିବା ଆଳରେ ଦୁର୍ବୃତ୍ତମାନେ ମହିଳାଙ୍କ ଠାରୁ ଗୋଟିଏ ମଙ୍ଗଳସୂତ୍ର ଓ ୨ ହଳ କାନ ରିଙ୍ଗ୍ ଲୁଟି ନେଇଛନ୍ତି । ଏନେଇ ମହିଳା ଜଣକ ଟାଙ୍ଗି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଟାଙ୍ଗି ଥାନା ବଡ଼ପାରି ପଂଚାୟତ ନୂଆ ଗାଁର ଆଶାମଣୀ ନାୟକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ ମାନେ ନିଜକୁ ରୟାଲ କମ୍ପାନୀ କର୍ମଚାରୀର ପରିଚୟ ଦେଇ ସୁନା ଗହଣା ସଫେଇ କରିବାକୁ କହିଥିଲେ। ସୁନା ଗହଣା ସଫା କରିବା ଆଳରେ ଲୁଟେରାମାନେ ମହିଳାଙ୍କ ଠାରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଗହଣା ଲୁଟ୍ କରିଛନ୍ତି। ତେବେ ମହିଳାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଐତିହ୍ୟକୁ ଅସୁରକ୍ଷିତ ଛାଡ଼ିଦେଲେ: ରାଜ୍ୟରେ ରହିଛି ୧୦ ହଜାରରୁ ଅଧିକ ପ୍ରାଚୀନ କୀର୍ତ୍ତିରାଜି

ଭୁବନେଶ୍ୱର, ୨୭/୦୮ (ନି.ପ୍ର): ମନ୍ଦିରମାଳିନୀ ସହର ଭାବେ ଭୁବନେଶ୍ୱର ବିଶ୍ୱରେ ପରିଚିତ। ଏକାମ୍ରକ୍ଷେତ୍ର ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହିଛି ଶହ ଶହ ବର୍ଷ ତଳର ଐତିହ୍ୟପୂର୍ଣ୍ଣ ମନ୍ଦିର। ହେଲେ ରକ୍ଷଣାବେକ୍ଷଣା ଅଭାବରୁ ଏହି ପୁରାତନ କୀର୍ତ୍ତିରାଜି ନଷ୍ଟ ହେବାକୁ ବସିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିପ୍ରତି ସାମାନ୍ୟତମ ନିଘା ନାହିଁ। ଓଲଟା ସୌନ୍ଦର୍ଯ୍ୟକରଣ ନାମରେ ଅନେକ ଐତିହାସିକ ଭାସ୍କର୍ଯ୍ୟକୁ ମାଟିରେ ମିଶା ଯାଇଥିବା ଅଭିଯୋଗ ରହିଛି। ଜାତୀୟ କଳା ଓ ସଂସ୍କୃତି ଐତିହ୍ୟ ସୁରକ୍ଷା ନ୍ୟାସ (ଇନ୍‌ଟାକ୍)ର ତଥ୍ୟକୁ ଦେଖିଲେ ଆଉ ଗୋଟିଏ ବିରାଟ ଆଶଙ୍କା ଜଳଜଳ ହୋଇ ଦିଶୁଛି। ଇନ୍‌ଟାକ୍ ଦ୍ୱାରା ଏପର୍ଯ୍ୟନ୍ତ ଓଡ଼ିଶାର ୧୭ ଟି ଜିଲ୍ଲାରେ ୬୫୦୦ ଐତିହାସିକ ମନ୍ଦିର ଠାବ କରାଯାଇଛି। ବାକି ଥିବା ୧୩ ଜିଲ୍ଲାର ସର୍ଭେ ଶେଷ ବେଳକୁ ଓଡ଼ିଶାରେ ମୋଟ ୧୨ରୁ ୧୩ ହଜାର କୀର୍ତ୍ତିରାଜି ବାହାରିବ ବୋଲି ଇନଟାକ୍ କହିଛି। ତେବେ ଆଶ୍ଚର୍ଯ୍ୟର କଥା, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ନିକଟରେ ଏ ବିଷୟରେ କିଛି ସୂଚନା ନାହିଁ। ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଓଡ଼ିଶାର ହାତ ଗଣତି ୮୦ଟି କୀର୍ତିରାଜିକୁ ନିଜ ଅଧୀନକୁ ନେଇଥିବା ବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ୨୧୪ଟି କୀର୍ତିରାଜିକୁ ନେଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂରକ୍ଷଣ ଦାୟିତ୍ୱ ନେଇଥିବା ଏହି ୨୯୪ ମନ୍ଦିରକୁ ଛାଡ଼ି ଦେଲେ ବାକି କୀର୍ତିରାଜିକୁ କିଏ ସୁରକ୍ଷା ଦେବ କେବଳ ପୁରୁଣା ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨୦୦ରୁ ଅଧିକ ପୁରାତନ ମନ୍ଦିର ରହିଛି। ଏଥିରୁ ଅନେକ ମନ୍ଦିର ୮୦୦ରୁ ୧୦୦୦ ବର୍ଷ ପୁରୁଣା ବୋଲି ଐତିହାସିକମାନେ ମତ ଦିଅନ୍ତି। ଏକାମ୍ର କ୍ଷେତ୍ରରେ ଥିବା ପ୍ରାୟ ୨୦୦ ମନ୍ଦିର ଭିତରୁ କେନ୍ଦ୍ର ସରକାରଙ୍କ ଏଏସ୍ ?ଆଇ ଅଧୀନରେ ପ୍ରଭୁ ଲିଙ୍ଗରାଜ ମନ୍ଦିର ସମେତ ୧୪ ଟି ମନ୍ଦିର ରହିଛି। ସେହିପରି ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀନରେ ଖୋର୍ଦ୍ଧା ଜିଲ୍ଲାର ୪୪ଟି କୀର୍ତିରାଜି ଥିବା ବେଳେ ପୁରୁଣା ଭୁବନେଶ୍ୱରର ୮ଟି ମନ୍ଦିର ରହିଛି। ଉଭୟ ତାଲିକାରୁ ବାଦ୍ ପଡ଼ିଥିବା ଆହୁରି ଶତାଧିକ ମନ୍ଦିର ଅବହେଳିତ ହୋଇ ପଡ଼ି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ବିଷୟ ହେଲା, ଯେଉଁସବୁ ମନ୍ଦିରକୁ କେନ୍ଦ୍ର ଓ ରାଜ୍ୟର ଏହି ଦୁଇ ସଂସ୍ଥା ନେଇଛନ୍ତି, ସେଗୁଡ଼ିକ ମଧ୍ୟ ଆଉ ସୁରକ୍ଷିତ ନଥିବା ଗବେଷକମାନେ ଅଭିଯୋଗ କରୁଛନ୍ତି। ଉଦାହରଣ ସ୍ୱରୂପ ପୁରୁଣା ଭୁବନେଶ୍ୱରର ସ୍ୱୟଂ ଲିଙ୍ଗରାଜ ମନ୍ଦିରକୁ ନିଆଯାଉ। ଏହି ମନ୍ଦିରକୁ ଏଏସ୍ଆଇ ନେଇଛି ସତ, କିନ୍ତୁ ମନ୍ଦିରକୁ ସୁରକ୍ଷିତ ରଖିବା ପାଇଁ ଏପର୍ଯ୍ୟନ୍ତ ସେଭଳି କିଛି କାମ ଆରମ୍ଭ ହୋଇନାହିଁ। ନିକଟରେ ଏଏସ୍ଆଇର ନିର୍ଦ୍ଦେଶକ (ସଂରକ୍ଷଣ) ଭିମା ଆଜ୍‌ମିରା ମନ୍ଦିରର ସ୍ଥିତି ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ମନ୍ଦିର ଭିତର ବାହାର ଯାଞ୍ଚ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ଯାଞ୍ଚ ସମୟରେ ସାଟେଲାଇଟ୍ ମାଧ୍ୟମରେ ଡିଜିପିଏସ୍ ପ୍ରକ୍ରିୟାରେ ମନ୍ଦିରର ଫଟୋଗ୍ରାମେଟ୍ରିକ୍ (ଡ୍ରୋନ୍) ସର୍ଭେ କରାଯିବ। ଏଥିରେ ହାଇ ରିଜୋଲ୍ୟୁସନ୍‌ର ଲକ୍ଷାଧିକ ଫଟୋ ନିଆଯିବ। ଏହାସାଙ୍ଗକୁ ମନ୍ଦିର ଭିତର ପାଖରେ ଥ୍ରିଡି ଲେଜର ସ୍କାନିଂ ହେବ। ମନ୍ଦିରର ସୁରକ୍ଷା ପାଇଁ ଟ୍ରଷ୍ଟ ବୋର୍ଡ ଏବଂ ସେବାୟତମାନଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟକରାଯିବ ବୋଲି କହିଥିଲେ। କିନ୍ତୁ ଟ୍ରଷ୍ଟ, ସେବାୟତମାନଙ୍କ ସହ ସମନ୍ୱୟ ରକ୍ଷା କରି ଏସବୁ କରିବା ସହଜ ହେବନାହିଁ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଲିଙ୍ଗରାଜ ମନ୍ଦିର ପରିସରରେ ପ୍ରାୟ ୫୦ରୁ ଅଧିକ ଛୋଟ ବଡ଼ ମନ୍ଦିର ରହିଛି। କିନ୍ତୁ ଦୁଃଖର କଥା ଏଥିରୁ ଅଧିକାଂଶ ମନ୍ଦିର ଭାଙ୍ଗି ଗଲାଣି। ମନ୍ଦିରର ଦକ୍ଷିଣ ପାଖରେ ଥିବା ରାମଲିଙ୍ଗେଶ୍ୱର, ଯମରାଜ ମନ୍ଦିର, ସାବିତ୍ରୀ ମନ୍ଦିର, ଉଗ୍ରେଶ୍ୱର ମନ୍ଦିର, ଉତ୍ତର ପାଖରେ ଥିବା ତାରକେଶ୍ୱର ମନ୍ଦିର, ଗୌରିଶଙ୍କର ମନ୍ଦିର, ଇସାନେଶ୍ୱର ଓ ବକ୍ରେଶ୍ୱର ପ୍ରମୁଖ ମନ୍ଦିରରେ ଦଧିନଉତି ଭାଙ୍ଗି ଯାଇଛି। ବିଶ୍ୱକର୍ମା ମନ୍ଦିର, ଭୈରବେଶ୍ୱର ମନ୍ଦିର ଭଳି ପ୍ରାୟ ୧୫ଟି ମନ୍ଦିର ଅଧାରୁ ଉପର ଅଂଶ ଆଉ ନାହିଁ। ଆହୁରି ନାମ ଲେଖା ହୋଇ ନଥିବା ଅନେକ ମନ୍ଦିରର ମାତ୍ର ୩୦ ଭାଗ ରହିଛି। ଏଥିସହ ପ୍ରାୟ ୭୦ ପ୍ରତିଶତ ମନ୍ଦିରରେ ପାଣି ଗଳୁଛି। ମନ୍ଦିର ଉପରେ ଗଛ ଉଠି ମନ୍ଦିରକୁ ଦୁର୍ବଳ କରୁଛି। ଲିଙ୍ଗରାଜ ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ଥିଲେ ହେଁ ତାହା ଠିକ୍ ଅଛି କି ନାହିଁ ତା'ର ଉତ୍ତର ମଧ୍ୟ ଏଏସ୍ଆଇ ପାଖରେ ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟସବୁ ମନ୍ଦିରରେ ଷ୍ଟୋନ୍-କ୍ୟାନ୍‌ସର ହୋଇସାରିଛି।

# ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଚାଲୁ ରହିବ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୨୭/୦୮ (ନି.ପ୍ର): ଓଡିଶାର ବିଭିନ୍ନ ଜିଲ୍ଲାରେ ରାଜ୍ୟ ସରକାର ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରୁଥିବାବେଳେ ଆବଶ୍ୟକ ଥିବା କେନ୍ଦ୍ରାପଡା ଜିଲ୍ଲାରେ ସରକାର ମେଡିକାଲ କଲେଜ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନଥିବାରୁ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲା ସାରା ଆନ୍ଦୋଳନ ଓ ଗଣଧାରଣା ଦେବାକୁ ନିଷ୍ପତି ନେବା ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବୈଠକରେ ସଂପାଦକ ଆଇନଜୀବି ରମଣୀ ରଞ୍ଜନ ରାଉତରାୟ ବିବରଣୀ ଉପସ୍ଥାପନ ସହିତ ଆଗାମୀ ଦିନର ଆନ୍ଦୋଳନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ଫକୀର ଚରଣ ଖଟୁଆ, ଆଦିକନ୍ଦ ରାଉଳ, ମୁକ୍ତାର ଖାନ, ଅମୀୟ ନାୟକ, କୃତିବାସ ସ୍ୱାଇଁ, ଭାଗିରଥୀ ଜେନା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ସେପ୍ଟେମ୍ବର ୨ ତାରିଖ ଶନିବାର ପବ୍ଲିକ ରିଡିଂ ରୁମ ଠାରେ ଏକ ବୈଠକ ସହିତ ସାମ୍ବାଦିକ ସମ୍ମିଳନୀ କରାଯିବ । ଏବଂ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଠାରୁ ଗରାପୁର ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତି ପାଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣ ଧାରଣା ଚାଲୁ ରହିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ସଂଗଠନ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷ କେନ୍ଦ୍ରାପଡାର ଉଚିତ୍ ହକ ପାଇଁ ଏକ ହେବାକୁ କ୍ରିୟାନୁଷ୍ଠାନ କମିଟି ତରଫରୁ ନିବେଦନ କରାଯାଇଛି ।

# ୪୦୦ ଚକ୍ଷୁଦାନ କଲାଣି ଫ୍ରେଣ୍ଡ୍‌ସ ହେଲ୍ପିଂ କ୍ଲବ୍

ବ୍ରହ୍ମପୁର, ୨୭/୦୮ (ନି.ପ୍ର): ଚକ୍ଷୁହୀନଙ୍କ ଦୁନିଆକୁ ଆଲୋକିତ କରିବାରେ ସହଯୋଗ କରି ଆସୁଛି ବ୍ରହ୍ମପୁର ସହରର ସର୍ବପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଫ୍ରେଣ୍ଡ୍‌ସ ହେଲ୍ପିଂ କ୍ଲବ୍'। ଚକ୍ଷୁଦାନ ଭଳି ମହତ କାର୍ଯ୍ୟ ହାତକୁ ନେଇ ଦୀର୍ଘ ୨ ଦଶନ୍ଧିରୁ ଅଧିକ ସମୟ ହେଲା ଲୋକଙ୍କୁ ସଚେତନ କରି ଆସୁଛନ୍ତି ଏହି ଅନୁଷ୍ଠାନ। ଏବେ ସୁଦ୍ଧା ୪ଶହରୁ ଅଧିକ ଲୋକଙ୍କ ଚକ୍ଷୁଦାନ କରାଯାଇ ସାରିଥିବା କ୍ଲବ୍‌ର ଉପସଭାପତି ଜାମୁଲା ସୁରେଶ ସୂଚନା ଦେଇଛନ୍ତି। ଏଣୁ ଏହି ଅନୁଷ୍ଠାନ ସମଗ୍ର ଦକ୍ଷିଣ ଓଡ଼ିଶାରେ ଚକ୍ଷୁଦାନ ଅଭିଯାନର କର୍ଣ୍ଣଧାର ସାଜିଛି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ। ଗରିବ ପିଲାଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟ ନେଇ ୧୯୭୦ ମସିହାରେ ବ୍ରହ୍ମପୁର ସହରରେ ଥିବା ସିଟି ହାଇସ୍କୁଲର କିଛି ଛାତ୍ର ପ୍ରତିଷ୍ଠା କରିଥିଲେ ଫ୍ରେଣ୍ଡ୍‌ସ ହେଲ୍ପିଂ କ୍ଲବ୍। ଗରିବ ପିଲାଙ୍କ ପାଇଁ ପାଠ୍ୟପୁସ୍ତକ ଯୋଗାଡ଼ ସହିତ ସ୍କୁଲରେ ନାମ ଲେଖାଇବାରେ ସହଯୋଗ କରିବା ଲକ୍ଷ୍ୟ ନେଇ କ୍ଲବ୍ ପ୍ରତିଷ୍ଠା ହୋଇଥିଲା। ୧୯୮୨ରେ କ୍ଲବ୍ ତରଫରୁ ସ୍ୱାସ୍ଥ୍ୟ ବିଭାଗର ସହଭାଗିତାରେ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା। ଏହାପୂର୍ବରୁ ୧୯୭୮ରେ ଆରମ୍ଭ ହୋଇଥିବା ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଅନୁଷ୍ଠାନ ତରଫରୁ ୨୦୦୦ ମସିହାରେ ଏବିଭିଡି(ଆସୋସିଏସନ୍ ଅଫ୍ ଭଲ୍ୟୁଣ୍ଟାରି ବ୍ଲଡ୍ ଡୋନର) ନାମରେ ଏକ ସ୍ୱତନ୍ତ୍ର ୱିଙ୍ଗ୍ ଗଠନ କରା ଯାଇଥିଲା।

# କୃତ୍ରିମ ଅମ୍ଳଜାନ



ପ୍ରାଣୀ ଜଗତର ବଂଚିରହିବା ପାଇଁ ଅମ୍ଳଜାନ ଅତ୍ୟନ୍ତ ଆବଶ୍ୟକ। ବିଶେଷକରି ପ୍ରାଣୀ ଜଗତର ତିଷ୍ଠି ରହିବାର ଏହା ହେଉଛି ଏକ ମାଧ୍ୟମ। ଆମେ ଅନବରତ ଭାବେ ଅମ୍ଳଜାନ ନେଉଥିବାରୁ ପରିବେଶ ସନ୍ତୁଳିତ ହୋଇଥାଏ। ଏବେ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ତିଆରି କରିଛନ୍ତି ଏକ ମାଇକ୍ରୋ ପାର୍ଟିକିଲ ଯାହାକି ଅମ୍ଳଜାନରେ ପୂର୍ଣ୍ଣ। ଆପଣଙ୍କର ଶ୍ୱାସ ରୁଦ୍ଧ ହୋଇଥିଲେ କିମ୍ବା ଶ୍ୱାସନଳୀ ବନ୍ଦ ହୋଇ ଯାଇଥିଲେ ଏହାକୁ ଧମନୀରେ ପ୍ରତିରୋପଣ କରାଯିବା ଦ୍ୱାରା ଶରୀରରେ ଅମ୍ଳଜାନର ଅଭାବ ଦେଖାଯିବ ନାହିଁ। ସତରେ ଦେଖିବାକୁ ଗଲେ ଏହି କ୍ଷୁଦ୍ର କଣିକାକୁ ଧରି ରଖିଥାଏ। ଏହି ଭାବରେ ପାଖାପାଖି ୭୦ ପ୍ରତିଶତ ଅମ୍ଳଜାନ ରକ୍ତ କଣିକା ଭେଦ କରି ଶରୀରର ବିଭିନ୍ନ ସେଲ ମଧ୍ୟକୁ ପ୍ରବେଶ କରିଥାଏ। ଏହି ଗବେଷଣା ବୈଜ୍ଞାନିକମାନେ ପ୍ରଥମେ ଗୋଟିଏ ଠେକୁଆକୁ ନେଇ କରିଥିଲେ। ଠେକୁଆର ଶ୍ୱାସନଳୀକୁ ବନ୍ଦକରି କ୍ୟାପସୁଲଟିକୁ ତାକୁ ଦେଇଥିଲେ ଯଦ୍ୱାରା ପାଖାପାଖି ଠେକୁଆଟି ପାଖାପାଖି ୧୫ ମିନିଟ ପର୍ଯ୍ୟନ୍ତ ବଂଚି ରହିଥିଲା।

# ହଳଦୀ ଚା'ର ଉପକାରିତା



ସାରା ପୃଥିବୀରେ ଏପରି ବହୁତ ଲୋକ ଅଛନ୍ତି, ଯେଉଁମାନେ ସାଧାରଣତଃ କେତୋଟି ରୋଗ ଯୋଗୁଁ ଶାରୀରିକ କଷ୍ଟ ଅନୁଭବ କରନ୍ତି। ଯଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ଅଭ୍ୟାସଗତ ଭାବେ ନିୟମିତ ମୁଣ୍ଡବ୍ୟଥା, ମେରୁଦଣ୍ଡରେ ଯନ୍ତ୍ରଣା ଦେଖାଦେବା, ମାଂସପେଶୀ ଦରଜ ହେବପା। ଏହିସବୁ ରୋଗ ପାଲଟି ଯାଇଛି ଲୋକମାନଙ୍କ ପାଇଁ ଚିନ୍ତାର ବିଷୟ। ବୟସ ଥାଇ ମଧ୍ୟ ସେମାନେ କାମ କରିବାକୁ ଅକ୍ଷମ।

ସାଧାରଣତଃ ଆମେମାନେ କୌଣସି ଯନ୍ତ୍ରଣା ଅନୁଭବ କଲେ ସଙ୍ଗେ ସଙ୍ଗେ ଔଷଧ ଖାଇଥାଉ। ଯେଉଁମାନେ ଔଷଧ ଖାଇବାକୁ ଭଲ ପାଆନ୍ତି ନାହିଁ, ସେମାନେ ନିୟମିତ ଏକ ଅଭ୍ୟାସ କରିବା ଦ୍ୱାରା ଏହିସବୁ ସମସ୍ୟାରୁ ରକ୍ଷା ପାଇପାରିବେ। କଂଚାହଳଦୀ ଗୁଣ୍ଡ,ଆଣ୍ଠୁ ଦରଜ ପାଇଁ ବେଶ୍ ଉପଯୋଗୀ। ନିୟମିତଭାବେ ଚା' ସହ ହଳଦୀ ମିଶାଇ ପିଇବା ଦ୍ୱାରା ନିଜକୁ ସମସ୍ତ ପ୍ରକାର ରୋଗରୁ ମୁକ୍ତ କରିପାରିବେ। ଏହାସହିତ ହଳଦୀ ଚା' ଆପଣଙ୍କୁ କାମ କରିବା ପାଇଁ ଶକ୍ତି ମଧ୍ୟ ଯୋଗାଇଥାଏ। କିପରି ପ୍ରସ୍ତୁତ କରିବେ ହଳଦୀ ଚା' ଗୋଟିଏ ପାତ୍ରରେ ୪ କପ୍ ପାଣି ନେଇ ସେଥିରେ ଅଧଚାମଚ ହଳଦୀ ମିଶାଇ ଏହାକୁ ଭଲ ଭାବରେ ୭ ରରୁ ୧୦ ମିନିଟ୍ ଯାଏ ଫୁଟାନ୍ତୁ। ଏହି ଫୁଟାପାଣି ଥଣ୍ଡା ହେବାପରେ ତାକୁ ଛାଣି ସେଥିରେ ଲେମ୍ବୁ ଓ ମହୁ ମିଶାଇ ନିୟମିତ ପିଅନ୍ତୁ।

# ଜର୍ମାନ୍ ପଟାଟୋ ସାଲାଡ଼୍

ବିଦେଶୀ ଖାଦ୍ୟ ଆଜିକାଲି ଅଧିକାଂଶ ଭାରତୀୟ ରେଷ୍ଟୋରାଁରେ ଉପଲବ୍ଧ ହେଉଛି। ତେବେ ଘରେ ମଧ୍ୟ ଏହି ସୁଆଦିଆ ଖାଦ୍ୟକୁ ବେଶ୍ ସହଜରେ ପ୍ରସ୍ତୁତ କରିହେବ। ପାଶ୍ଚାତ୍ୟ ରାଷ୍ଟ୍ର ଜର୍ମାନୀରେ ବର୍ଷାଦିନେ ଏକ ବିଶେଷ ବ୍ୟଞ୍ଜନ ଖୁବ୍ ଲୋକପ୍ରିୟ ହୋଇଥାଏ। ଏହି ବ୍ୟଞ୍ଜନର ନାମ ହେଉଛି 'ଜର୍ମାନ୍ ପଟାଟୋ ସାଲାଡ଼୍'। ଗୃହିଣୀମାନେ ଏହି ବିଦେଶୀ ଖାଦ୍ୟକୁ ଘରେ ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଆବଶ୍ୟକ ସାମଗ୍ରୀ: ଛୋଟ ଆଳୁ୯୦୦ ଗ୍ରାମ, ପିଆଜ-୪ଟି(ଚୁନାଚୁନା କଟାହୋଇଥିବା), ୨ ପାଖୁଡ଼ା ରସୁଣ କଟା, ୧ଛୋଟ ଲଙ୍କା ଗୁଣ୍ଡ ୭୫ ମିଲି ଅଲିଭ ତେଲ ୪୫ ମିଲି ୱାଇନ ଭିନେଗାର ୧ଛୋଟ ଚାମଚ ଚିନି।



ପ୍ରସ୍ତୁତି ପ୍ରଣାଳୀ: ଆଳୁର ଚୋପା ଆପଣଙ୍କ ଇଚ୍ଛାନୁସାରେ ଛଡ଼ାଇପାରନ୍ତି ଅବା ନଛଡାଇଲେ ମଧ୍ୟ କୌଣସି ଅସୁବିଧା ନାହିଁ। ଏବେ ଗ୍ୟାସଚୁଲାରେ ଏକପାତ୍ର ବସାଇ ୨ କପ୍ ପାଣି ଫୁଟାନ୍ତୁ। ସେଥିରେ ଅଧ ଚାମଚ ଲୁଣ ପକାଇବେ। ଏବେ ଆଳୁକୁ ପକାଇ ଭଲଭାବରେ ସିଝାଇ ନିଅନ୍ତୁ। ଆଳୁ ସିଝିଗଲା ପରେ ଏହାକୁ ଅନ୍ୟ ପାତ୍ରରେ ବାହାର କରି ଥଣ୍ଡା କରିନେବେ। ସରୁସରୁ ତଥା ଗୋଲଗୋଲ ଆକାରରେ ଆଳୁକୁ କାଟିବେ। ଏବେ ଆଳୁ ସହ ଅନ୍ୟ ସମସ୍ତ ସାମଗ୍ରୀକୁ ମିଶାଇ ଭଲଭାବରେ ଗୋଳାଇନେବେ। ଏହିପରି ଭାବେ ସାଧାରଣ ତାପମାତ୍ରା ଥିବା ସ୍ଥାନରେ ଏହି ସାଲାଡ଼୍ ବାଉଲକୁ ରଖିବେ। ଭୋଜନ ପୂର୍ବରୁ ସପରିବାର ଏହି ଜର୍ମାନ ପଟୋଟୋ ସାଲାଡ଼୍‌କୁ ଖାଇ ମଜା ନିଅନ୍ତୁ।

# ପିଲାଙ୍କୁ ପାରାସିଟାମଲ୍ ଦେବା ସମୟରେ



ସାଧାରଣତଃ ଜ୍ୱର ହେଲେ ପାରାସିଟାମଲ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଏହାକୁ ସୁରକ୍ଷିତ ଔଷଧ ଭାବେ ଗ୍ରହଣ କରାଯାଏ। ତେବେ ପିଲାଙ୍କୁ ଏହି ଔଷଧ ଦେଉଥିବା ସମୟରେ କିଛି ସାବଧାନତା ଅବଲମ୍ବନ କରିବାକୁ ଆବଶ୍ୟକ।

-ପିଲାର ବୟସ ୩ ମାସରୁ କମ ହୋଇଥିଲେ ବିନା ଡାକ୍ତରଙ୍କ ପରାମର୍ଶରେ ପାରାସିଟାମଲ ଖାଇବାକୁ ଦିଅନ୍ତୁ ନାହିଁ। କାରଣ ଛୋଟ ପିଲାଙ୍କୁ ପାରାସିଟାମଲ ଯୋଗୁଁ ପାର୍ଶ୍ୱ ପ୍ରତିକ୍ରିୟା ହେବାର ଆଶଙ୍କା ଥାଏ।

- ଯଦି ପିଲାର ଶରୀରରେ ୧୦୦ଡିଗ୍ରୀ ଫାରେନହାଇଟରୁ କମ ତାପମାତ୍ରା ଥାଏ ତା'ହେଲେ ପାରାସିଟାମଲ ଦେବା ହାନିକାରକ ସାବ୍ୟସ୍ତ ହୋଇପାରେ।

- ଯଦି ପିଲା ଅନ୍ୟ କୌଣସି ଔଷଧ ଖାଉଛି, ତୁରନ୍ତ ତାକୁ ବଦଳାଇ ପାରାସିଟାମଲ ଦିଅନ୍ତୁ ନାହିଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

- ପାରାସିଟଟାମଲ ଖାଇବା ପରେ ଯଦି ପିଳାର ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ତାହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଆବଶ୍ୟକ।

- ପିଲାଙ୍କୁ ଯକୃତ ସମ୍ବନ୍ଧୀୟ କୌଣସି ସମସ୍ୟା ଥିଲେ ବିନା ଡାକ୍ତରୀ ପରାମର୍ଶରେ ପରାରାସିଟମଲ ଦିଅନ୍ତୁ ନାହିଁ।

- ପିଲାଙ୍କୁ ଥରେ ପାରାସିଟାମଲର ଡୋଜ ଦେଇଥିଲେ ୪/୫ଘଂଟା ପୂର୍ବରୁ ଆଉଥରେ ଦିଅନ୍ତୁ ନାହିଁ।

# ମନକୁ ଆୟତ୍ତ କରେ ଗୋମୁଖାସନ



ପ୍ରଥମେ ମୋଟା କମ୍ବଳ ବିଛାଇ ଦୁଇ ଗୋଡ଼ ସାମନା ଆଡ଼କୁ ଲମ୍ୱାଇ ବସନ୍ତୁ। ଡାହାଣ ଆଣ୍ଠୁକୁ ଭାଙ୍ଗି ସାମନା ଆଡ଼କୁ ନୂଆଁଇ ଆଣି ବାମ ଆଣ୍ଠୁ ଉପରେ ରଖନ୍ତୁ। ଗୋଇଠି ଉପରେ ଭରା ଦେଇ ବାମ ପାଖ ନିତମ୍ବର ସାମାନ୍ୟ ଉପରକୁ ସ୍ପର୍ଶ କରନ୍ତୁ। ପୁଣି ବାମ ଆଣ୍ଠୁକୁ ଭାଙ୍ଗି ଡାହାଣ ଆଣ୍ଠୁକୁ ତଳକୁ ଆଣି ନିତମ୍ବକୁ ଛୁଆଁଇ ରଖନ୍ତୁ। ବାମ ହାତକୁ ପଛକୁ ନେଇ ଉପରକୁ ଉଠାଇ କହୁଣୀ ଠାରୁ ମୋଡ଼ି ବାମହାତ ଆଙ୍ଗୁଳି ଦ୍ୱାରା ଖାପ କରି ଧରନ୍ତୁ। ଏଭଳି କିଛି ସମୟ ରହିବା ପରେ ବିଶ୍ରାମ ନେଇ ପୁଣି ବପିପରୀତ ପାର୍ଶ୍ୱରେ ଗୋଡ଼ ଓ ହାତ ବଦଳାଇ ଅଭ୍ୟାସ କରନ୍ତୁ। ଆସନ କରିବା ସମୟରେ ମୁଖ ପୂର୍ବ ଦିଗକୁ ରହିବ। ଏହି ଅସାନ କରିବା ଦ୍ୱାରା ସ୍ନାୟୁମଣ୍ଡଳକୁ ଶକ୍ତି ପ୍ରଦାନ କରେ। ମନକୁ ଆୟତ କରେ। କୋଷବୃଦ୍ଧି ରୋକିଥାଏ। ମାନସିକ ଏକାଗ୍ରତା ଦୃଢ଼ କରେ।

# ବୟସ ୫୦, ଉଚ୍ଚତା ୨୯ ଇଂଚ

ଫଟୋରେ ଥିବା ବ୍ୟକ୍ତି ଜଣକ ହେଉଛନ୍ତି ମଧ୍ୟପ୍ରଦେଶର ବସୋରୀ ଲାଲ। ବୟସ ୫୦ ହୋଇଥିଲେ ମଧ୍ୟ ଉଚ୍ଚତା ମାତ୍ର ୨ଇଞ୍ଚ। ପ୍ରକୃତ ପକ୍ଷରେ ତାଙ୍କୁ କେଉଁ ରୋଗ ହୋଇଛି ଯେଁଥିପାଇଁ ତାଙ୍କ ଉଚ୍ଚତା ବଢ଼ିନି ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ୫ ବର୍ଷରୁ ତାଙ୍କର ଉଚ୍ଚତା ଆଉ ବଢ଼ିନି। ବସୋରୀ ଲାଲଙ୍କ ପରିବାରର କହିବାନୁସାରେ, ଟଙ୍କାର ଅଭାବ ଯୋଗୁଁ କେବେବି ତାଙ୍କର ଚିକିତ୍ସା ହୋଇପାରି ନାହିଁ। ବସୋରୀ ଲାଲଏବେ ଅନ୍ତଃରାଷ୍ଟ୍ରୀୟ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛନ୍ତି।

# ଇକୋ ହାଉସ୍- ମାତ୍ର ୪ ୟୁନିଟ୍ ବିଦ୍ୟୁତ୍ ଖର୍ଚ୍ଚ

ଏଭଳି ଏକ ଘର, ଯେଉଁଠି ନା ପଙ୍ଖାର ଆବଶ୍ୟକତା ଅଛି ନା ଏୟାରକୁଲର। କେରଳ କନ୍ନୁର ଜିଲ୍ଲାର ଏକ ଦମ୍ପତି ଏଭଳି ଏକଘର ତିଆରି କରିଛନ୍ତି, ଯେଉଁଥିରେ ୪୦ ଡିଗ୍ରୀ ତାପମାତ୍ରା ହେଲେମଧ୍ୟ ଘର ଭିତର ଥଣ୍ଡା ରହିଥାଏ। ଜନସଂସ୍ଥାନ ବିଭାଗରେ କାର୍ଯ୍ୟ କରୁଥିବା ହରି ଓ ତାଙ୍କ ପତ୍ନୀ ଏହି ଘର ନିର୍ମାଣ କରିଛନ୍ତି। ଉଭୟ ପ୍ରକୃତିପ୍ରେମୀ। ବିବାହ ପରେ ଦୁହେଁ ଏଭଳି ସ୍ଥାନରେ ରହିବାକୁ ଚାହିଁଲେ ଯେଉଁଠି ପ୍ରକୃତି ସହିତ ଯୋଡ଼ି ହୋଇ ରହିବା ସହ ପରିବେଶର ସୁରକ୍ଷାକରିହେବ। ତାଙ୍କୁ ସାହାଯ୍ୟ କରିଥିଲେ ଆର୍କିଟେକ୍ଟ ବନ୍ଧୁ ଜଣେ। ଓଦା ମାଟିରେ ଏହି ଘରର କାନ୍ଥ ତିଆରି ହୋଇଛି। ଏହା ଭିତର ଦେଇ ସୂର୍ଯ୍ୟ କିରଣ ପାସ କରିପାରେ ନାହିଁ। ଘରେ ଛାତ କଂକ୍ରିଟ ଓ ଟାଇଲରେ ହୋଇଛି। ବର୍ଷାରେ ପାଣି ନଭେଦିବା ପାଇଁ ଛାତକୁଚ କଂକ୍ରିଟରେକରିଥିବା ହରି କହିଛନ୍ତି। ଘରର ଏଭଳି ନିର୍ମାଣ ହୋଇଛି ଯେ ମାତ୍ର ଗୋଟେ ଦୁଇଟି ସ୍ଥାନରେ ଆଲୋକ ବ୍ୟବସ୍ଥା କରାଯାଇଛି, କିନ୍ତୁ ଏହା ପୂରା ଘରକୁ ଆଲୋକିତ କରୁଛି। ତେଣୁ ବିଜୁଳି ଖର୍ଚ୍ଚ ଆଦୌ ନାହିଁ। ଘରେ ଏକ ପ୍ରାକୃତିକ ଫ୍ରିଜ ରହିଛି। ଅର୍ଥାତ୍ ରୋଷେଇ ଘରେ ଏକଗାତ ଖୋଳାଯାଇଛି ଓ ଏହା ଚାରିପଟେ ଇଟା ଓ ଭିତରେ ମାଟି ଲଗାଯାଇଛି। ଏହା ଭିତରେ ଖାଦ୍ୟ ସାମଗ୍ରୀ ରଖି ବାଲିରେ ଘୋଡ଼ାଇଦେଲେ ଏକ ସପ୍ତାହରୁ ଅଧିକ କାଳ ଖାଦ୍ୟ ପଦାର୍ଥ ସତେଜ ରହିପାରିବ। ଏଥିସହିତ ଏହି ଘରେ ସୋଲାର ପ୍ୟାନେଲ ଓ ବାୟୋଗ୍ୟାସର ବ୍ୟବହାର ହେଉଥିବାରୁ ମାସକୁ ମାତ୍ର ୪ ୟୁନିଟ ବିଦ୍ୟୁତ ଖର୍ଚ୍ଚହୁଏ।

# ସବୁଠାରୁ ବଡ଼ ଦାନ

ତୃଷାର୍ତ୍ତକୁ ପାଣିଦେବା ଓ ଭୋକିଲାକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ। ଭୋଜନ ପରେ ହିଁ ସବୁ ବସ୍ତ ସୁନ୍ଦର ଦେଖାଯାଏ। କିନ୍ତୁ ଦୁଇ ତିନିଦିନର ଭୋକିଲା ଲୋକଙ୍କୁ ଟଙ୍କା ବିଡ଼ା ଦିଅ ଅଥବା ସନା, ରୂପା ଦେଇଦିଅ କିନ୍ତୁ ସେ ପ୍ରଥମେ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିବ। ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିବ। ଭୋକିଲା ଲୋକକୁ ଖାଦ୍ୟ ଦରକାର, ଟଙ୍କାର ବିଡ଼ା ନୁହେଁ। ପେଟରେ ଭୋକ ଶାନ୍ତ ହେବା ପରେ ଯାଇ ଟଙ୍କା, ସୁନା, ଘରଦ୍ୱାର, ସ୍ତ୍ରୀଓ ପୁତ୍ରଭୋଗ ଜାଗ୍ରତ ହୋଇଥାଏ। ଶୋଷର



ଲାଗିଲେ ସାରା ଦୁନିଆ ମଧ୍ୟ ନୀରସ ଦେଖାଯାଏ। ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ, ତାହା ହେଉଛି ପାଣି। ପାଣି ହିଁ ଜୀବନ ପାଣି ନମିଳିଲେ ମୃତ୍ୟୁ ଅବସମ୍ଭାବି। ସେଥିପାଇଁ କୁହାଯାଇଛି 'ଜଳ ହିଁ ଜୀବନ'।

# ପାହାଚ ଚଢ଼ିବାକୁ ନା



ମଡେଲିଂକୁ କ୍ୟାରିୟର୍ କରୁଥିବା ଯୁବତୀମାନେ ଯେ କୌଣସି ଅସମ୍ଭବ କାର୍ଯ୍ୟକୁ କରିବାକୁ ତତ୍ପର ହୋଇଥାନ୍ତି । ବଡ଼ ବ୍ୟାନର୍ କିମ୍ବା ପ୍ରତିଷ୍ଠିତ କମ୍ପାନୀର ବିଜ୍ଞାପନ ପାଇଁ ସୁଯୋଗ ମିଳିଲେ ମଡେଲ୍‌ମାନେ ଅଭିନୟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । କିନ୍ତୁ ଏ କ୍ଷେତ୍ରରେ ସୁପରମଡେଲ୍ ନାଓମି କ୍ୟାମ୍ପବେଲ୍ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ଏକ ବିଜ୍ଞାପଦରେ ପାହାଚ ଚଢ଼ିବାକୁ ପଡ଼ିବ ବୋଲି ସେ ଅଭିନୟ କରିବାକୁନିକଟରେ ମନା କରିଦେଛନ୍ତି । ଅବଶ୍ୟ ନାଓମିଙ୍କ ନିକଟରେ ମଡେଲିଂ ସୁଯୋଗର ଅଭାବ ଦାହିଁ । ନାଓମିଙ୍କ ନାମରେ ଅଷ୍ଟ୍ରେଲିଆର ୱେଲା ନାମକ ଏକ କମ୍ପାନୀ ଏକ ଅତର ପ୍ରସ୍ତୁତ କରି ବଜାରକୁ ଛାଡିବାକୁ ଯାଉଛନ୍ତି । ଏହା ପୂର୍ବରୁ ସେହି ଅତରକୁ ନେଇ ଏକ ପ୍ରଚାରଧର୍ମୀ ଚଳଚିତ୍ରରେ ନାଓମି ଅଭିନୟ କରିବାକୁ ଚୁକ୍ତି କରିଥିଲେ । ଏହି ୪୦ ବର୍ଷୀୟା ବ୍ରିଟିଶ୍ ମଡେଲ୍ ଯେଉଁ ସ୍ଥାନକୁ ମିଜ୍ଞାପନ ଫିଲ୍ମରେ ଅଭିନୟ କରିବାକୁ ଯାଇଥିଲେ ସେହି କୋଠାର ଲିଫ୍ଟ ଭାଙ୍ଗି ଯାଇଥିଲା । ତେଣୁ ବିଜ୍ଞାପନ ନିର୍ମାଣକାରୀ ଟିମ୍ ପାହାଚରେ ସେହି ସ୍ଥାନକୁ ଯାଇଥିଲେ । କିନ୍ତୁ ନାଓମି ପାହାଚ ଚଢ଼ିବାକୁ ମନା କିତଦେଇଥିଲେ ବୋଲି ତାଙ୍କର ପୂର୍ବତନ ଏଜେଣ୍ଟ କାରୋଲ୍ ହ୍ୱାଇଟ୍ କହିଛନ୍ତି । ନାଓମି ବିଜ୍ଞାପନରେ ଅଭିନୟ କରିବାକୁ ମନା କରିଦେବା ପରେ ସମ୍ପୃକ୍ତ ଅତର ପ୍ରସ୍ତୁତକାରୀ କମ୍ପାନୀ ଖପ୍ପା ହୋଇଛି । ଚୁକ୍ତି କରି ମଡେଲିଂ ଓ ଅଭିନୟ ପାଇଁ ମନା କରିଦେବାରେ ଏହା ନାଓମିଙ୍କ ପ୍ରଥମ ଘଟଣା ନୁହେଁ । ପୂର୍ବରୁ ସେ ମୁଡ୍‌ଫର୍ମ ମିଶନର ସହ ନିର୍ଦ୍ଦେଶକ ଖ୍ରୀସ୍ ୱେନଙ୍କ ସହ ଏକ ପ୍ରଚାର ଅଭିଯାନରେ ଅଭିନୟ ପାଇଁ ଚୁକ୍ତି କରିଥିଲେ । ସେ ସର୍ବଦା ବିଳମ୍ବରେ ଟୁର୍‌କୁ ଆସୁଥିଲେ । ଥରେ ମୁଡଫର୍ମ ଏଥିପାଇଁ ନାଓମିଙ୍କୁ ତାଗିଦ୍ କରିଥିଲେ । କିନ୍ତୁ ନାଓମି ଏଥିରେ ଉତ୍ତ୍ୟକ୍ତ ହୋଇ ମୁଡ଼ଫର୍ମଙ୍କୁ ଏକ ବେଡ୍ଲରେ ଆକ୍ରମଣ କରିଥିଲେ ।

# ଏକ୍ସପାଏରି ଡେଟ୍ କଣ ପାଇଁ




ସାଧାଣରତଃ ଆପଣମାନେ ଲକ୍ଷ କରିଥିବ ଯେ, ପ୍ରାୟ ସମସ୍ତ ମିନେରାଲ ଓ୍ୱାଟର ବୋତଲରେ ଏକ୍ସପାଏରି ଡେଟ୍ ଲେଖାଯାଇଥାଏ। ଅନେକ ଏହା ଭାବିଥାନ୍ତି ଯେ, ଏହା ପାଣି ପାଇଁ ଲେଖାଯାଇଥାଏ। ହେଲେ ପ୍ରକୃତରେ ଏହି ଏକ୍ସପାଏରି ଡେଟ୍ ବୋତଲ ପାଇଁ ଦିଆଯାଇଥାଏ। ଏହି ଡେଟ ପରେ ଜଳର ଗୁଣବତା । ପ୍ୟାକେଜିଙ୍ଗ ଓ ଅନ୍ୟ ପର୍ଯ୍ୟାବରଣିୟ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆସନ୍ତା ଭବିଷ୍ୟତ...

ମଣିଷ ଆଇନ ତିଆରି କରେ ମଣିଷ ପାଇଁ- ଏକଥା ଯେଉଁ ମହାମାନବ କହି ଯାଇଛନ୍ତି, ତା'ର ତାତ୍ପର୍ଯ୍ୟ ସବୁବେଳେ ରହି ଆସିଛି । ତେଣୁ ଆଇନ ତିଆରି କରାଯିବା ପୂର୍ବରୁ ତା'ର ପୁଙ୍ଖାନୁପୁଙ୍ଖ ତର୍ଜମା ହେବା ଅପରିହାର୍ଯ୍ୟ । ଆଇନ ତିଆରି କରିବା ଏକ ଦୀର୍ଘ ଏବଂ ନିରବଚ୍ଛିନ୍ନ ପ୍ରକ୍ରିୟା । ଏକ ପରିଚିହ୍ନିତ କ୍ଷେତ୍ରରେ ଯେଉଁଭଳି ହୋଇଥାଏ, ସେହିପରି ବିଭିନ୍ନ କ୍ଷେତ୍ରରେ ମାନବୀୟ କାର୍ଯ୍ୟକଳାପଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ସମାଜଗୁଡ଼ିକ ଆବଶ୍ୟକତାର ଆବିଷ୍କାର କରିବା ପରେ ଏହି କାର୍ଯ୍ୟ ଅର୍ଥାତ୍ ଆଇନ ତିଆରି କରିବା କାମ ଆରମ୍ଭ ହୋଇଥାଏ । ଏହାପରେ ବ୍ୟବସ୍ଥାପକ ବା ଆଇନ ପ୍ରଣେତାମାନେ ଏହି ଆଇନକୁ ସର୍ବସମ୍ମତିକ୍ରମେ ପାରିତ କରିଥାନ୍ତି ଏବଂ ଶେଷରେ ନ୍ୟାୟପାଳିକା ସୁନିଶ୍ଚିତ କରାଇ ଥାଏ ଯେ ସେହି ଆଇନକୁ କାମରେ ଲଗା ଯାଉଛି । ସମୟ ଅତିବାହିତ ହେବା ସହିତ ପ୍ରତିଟି ଆଇନର ନୂଆ ନୂଆ ତର୍ଜମା କରାଯାଇଥାଏ ଏବଂ ଆବଶ୍ୟକ ସ୍ଥଳେ ସେଥିରେ ସଂଶୋଧନ ମଧ୍ୟ କରାଯାଇଥାଏ। ଭାରତରେ ଆଇନ ତିଆରି ପ୍ରକ୍ରିୟା ଏକ ବିଲ୍ ଯାହାକି ଏକ ଚିଠା ବିଧାନକୁ ନେଇ ଗଠିତ ହୋଇଥାଏ, ତାହା ସଂସଦର ଉଭୟ ସଦନରେ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ ପାଇଁ ତାଙ୍କ ନିକଟକୁ ପ୍ରେରଣ କରା ଯାଇଥାଏ ଏବଂ ଏହା ହାସଲ କରାଯିବା ପରେ ଆଇନରେ ପରିଣତ ହୋଇଥାଏ । ସମ୍ପ୍ରତି ନରେନ୍ଦ୍ର ମୋଦୀଙ୍କ ସରକାର ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି), ୧୮୬୦, ଭାରତୀୟ ପ୍ରମାଣ ଆଇନ, ୧୮୭୨ ଏବଂ କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଡ୍ୟୁୟର (ସିଆରପିସି), ୧୯୭୩କୁ ହଟାଇବାକୁ ଆଗେଇ ଆସିଛନ୍ତି । ଦେଶରେ ପ୍ରଶାସନିକ କାର୍ଯ୍ୟ ନିର୍ବାହ ଏବଂ ଅପରାଧିକ ନ୍ୟାୟକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ସଂସଦ ଏହା ବଦଳରେ ଯଥାକ୍ରମେ ତିନିଗୋଟି ନୂଆ ସଂହିତା- ଭାରତୀୟ ନ୍ୟାୟିକ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ ବିଲ୍ ପାରିତ କରିବାର ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି । ଦେଶ ସ୍ୱାଧୀନ ହେବା ପରଠାରୁ ବର୍ତ୍ତମାନ ସମୟ ଭିତରେ ବ୍ରିଟିଶ୍ ଯୁଗର ଆଇନଗୁଡ଼ିକ ସଂସଦରେ ବିଭିନ୍ନ ପ୍ରକାରର ସଂଶୋଧନ ଜରିଆରେ ଏବଂ କେତେକ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ସଂଶୋଧନ କରାଯାଇ ଅନେକଗୁଡ଼ିଏ ପରିବର୍ତ୍ତନକୁ ପରିଲକ୍ଷିତ କରି ସାରିଲାଣି। ୧୯୭୩ ମସିହାରେ ସିଆରପିସି ଏକ ବଡ଼ ଧରଣର ସାମଗ୍ରିକ ପରିବର୍ତ୍ତନ ଦେଇ ଗତି କରି ସାରିଛି । ବଦଳୁ ଥିବା ସମୟ ସହିତ ତାଳ ଦେଇ ଏହାର ବାସ୍ତବତାଗୁଡ଼ିକର ପ୍ରତିଫଳନ ନିମନ୍ତେ ତିଆରି କରାଯାଇଥିବା ଆଇନଗୁଡ଼ିକ ଉପରେ ବାରମ୍ବାର କାର୍ଯ୍ୟ କରାଯିବା ଏକ ସ୍ୱାଗତଯୋଗ୍ୟ କଥା ହୋଇଥିବା ବେଳେ ଏକ ଅର୍ଥପୂର୍ଣ୍ଣ ଢଙ୍ଗରେ ସେଗୁଡ଼ିକ ଉପରେ ଆଲୋଚନାରେ ସମଗ୍ର ସମାଜ ଅଂଶଗ୍ରହଣ କରିବା ଅପରିହାର୍ଯ୍ୟ, ଯଦ୍ୱାରା ଏହି କାର୍ଯ୍ୟ ତା'ର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ଭାବରେ ଚରିତାର୍ଥ କରି ପାରିବ । ସୂଚନାଯୋଗ୍ୟ ଯେ ସଂସଦରେ ଏ ବାବଦରେ ବିଲ୍ ଉପସ୍ଥାପନ କରାଯିବା ବେଳେ ବିରୋଧୀ ଦଳମାନେ ସଦନ ତ୍ୟାଗ କରି ଚାଲି ଯାଇଥିଲେ । ସମ୍ପ୍ରତି ଗୃହ ମନ୍ତ୍ରଣାଳୟର ବ୍ୟାପାର ଉପରେ ରହିଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟି, ଯାହାକି ବିଲ୍ ଚିଠା ପ୍ରସ୍ତାବଗୁଡ଼ିକୁ ଅଧ୍ୟୟନ କରି ସଂସଦକୁ ସେମାନଙ୍କର ରିପୋର୍ଟ ପ୍ରଦାନ କରିବା ଆଶା କରାଯାଉଛି, ଗତ ଗୁରୁବାର ଦିନ ସେମାନଙ୍କର ବୈଠକ ଆରମ୍ଭ କରିଛନ୍ତି, ଯଦିଓ ବିରୋଧୀ ସଦସ୍ୟମାନେ ସେମାନଙ୍କୁ ଜଣାଇ ସାରିଛନ୍ତି ଯେ ଖୁବ୍ କମ୍ ସମୟ ଭିତରେ ସେମାନଙ୍କୁ ଏ ବାବଦରେ କୁହା ଯାଇଥିବାରୁ ଏ ବାବଦରେ ଆଲୋଚନା ବା ବାର୍ତ୍ତାଳାପ କରିବା ପୂର୍ବରୁ ସେମାନଙ୍କୁ ଆଉ କିଛି ଦିନର ସମୟ ଆବଶ୍ୟକ । ପୂର୍ବରୁ ମଧ୍ୟ ସରକାର ଏଭଳି କେତେକ କ୍ଷେତ୍ରରେ କରିଥିବାର ନଜିର ରହିଛି, ଯେପରିକି- ବିମୁଦ୍ରାକରଣ ଏବଂ ସାମଗ୍ରୀ ଓ ସେବା ଟିକସକୁ ତରବରିଆ ଭାବରେ ଲାଗୁ କରିବା । କିନ୍ତୁ ଅପରାଧିକ ଆଇନଗୁଡ଼ିକ କ୍ଷେତ୍ରରେ ଉପରୋକ୍ତ ଦୁଇଗୋଟି ପଦକ୍ଷେପର ପୁନରାବୃତ୍ତି କରାଯିବା ଅବଶ୍ୟ ବିପର୍ଯ୍ୟୟମୂଳକ ହେବ । ଅତଏବ, ବିଲ୍‌ଗୁଡ଼ିକ ପାରିତ କରିବା ନିମନ୍ତେ ସରକାର ତରବର ହେବା ଅନୁଚିତ ଏବଂ ତା' ପରିବର୍ତ୍ତେ ଏହା ଉପରେ ଏକ ବ୍ୟାପକ ଧରଣର ପୁଙ୍ଖାନୁପୁଙ୍ଖ ଆଲୋଚନା ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଯେତେ ଅଧିକ ସମ୍ଭବ, ସେତେ ସଂଖ୍ୟାରେ ହିତଧାରକଙ୍କ ମତାମତକୁ ବିଚାରକୁ ନେଇ ଚିଠା ପ୍ରସ୍ତାବରେ ତଦନୁଯାୟୀ ଆବଶ୍ୟକୀୟ ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରି ସଂସଦରେ ଏକ ସମ୍ପୂର୍ଣ୍ଣ ରୂପେ ତ୍ରୁଟିଶୂନ୍ୟ ପ୍ରସ୍ତାବ ଆଗତ କରିବା ଉଚିତ ହେବ ।

# କଣ୍ଟା ବହୁଳ 'କୋଟା' ଓ ସ୍ୱପ୍ନଭୁକ୍ ଛାତ୍ରଛାତ୍ରୀ


ନାରାୟଣ ଚନ୍ଦ୍ର ବିଶ୍ୱାଳ




'ଆମେ ଯେତେବେଳେ ଟିକିଏ ବଡ଼ ହେଲୁ, ଆମେ ଭାବିନେଲୁ ଯେ ଜୀବନ ହେଉଛି ଏକ ଦୌଡ଼। ଆମେ ଯଦି ଅଧିକ ବେଗରେ ଦୌଡ଼ି ନପାରିବା ତାହାହେଲେ ପଛରେ ପଡ଼ିଯିବା ଓ ଅନ୍ୟମାନେ ଆମକୁ ଅତିକ୍ରମ କରିଯିବେ' - କିଛି ବର୍ଷ ତଳର ପ୍ରଖ୍ୟାତ ନିର୍ଦ୍ଦେଶକ ରାଜକୁମାର ହୀରାନିଙ୍କ ଲୋକପ୍ରିୟ ଓ ବକ୍ସ ଅଫିସ ହିଟ ହୋଇଥିବା ଚଳଚ୍ଚିତ୍ର 'ଥ୍ରି ଇଡିଏଡ୍ସ'ର ଏହା ହେଉଛି ସଂଳାପ।

ଜୀବନକୁ ଜାଣିବା ପୂର୍ବରୁ, ଚିହ୍ନିବା ପୂର୍ବରୁ ସ୍ୱପ୍ନ ନିକଟକରେ ପହଞ୍ଚିଗଲି ବୋଲି ଚିନ୍ତା କରି ପାଦ ଥାପିଲା ବେଳକୁ ମୃତ୍ୟୁର ଅତଳ ଗର୍ଭକୁ ଖସି ଯାଉଛି ବୟସର ଚୋରା ବାଲିରେ ଜୀବନ। ଗତ ଅପ୍ରେଲ ୩ରେ କେନ୍ଦ୍ର ଶିକ୍ଷା ଓ ଉଦ୍ୟୋମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକସଭାରେ ରଖିଥିବା ତଥ୍ୟ ଅନୁଯାୟୀ ୨୦୧୮ରୁ ୨୦୨୩ ଭିତରେ ୩୫ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଜୁଲାଇ ୨୬ରେ ରାଜ୍ୟ ସଭାରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁବାଶ ସରକାର ତଥ୍ୟ ରଖିଥିଲେ ଯେ ୨୦୧୮ ମସିହାରେ ଉଚ୍ଚତର ଶିକ୍ଷାନୁଷ୍ଠାନ ମାନଙ୍କରେ ୨୧ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଚଳିତ ବର୍ଷ ଏହି ସଂଖ୍ୟା ୨୦ରେ ପହଞ୍ଚିଛି। ତେବେ ଏହାପରେ ଚାରି ମାସ ସମୟ ସୀମାକୁ ମିଶାଇ ଦେବା ପରେ ଏହି ୨୦ ସଂଖ୍ୟା ୪୦କୁ ଛୁଇଁଛି। ଆଇଆଇଟି ଫ୍ୟାକ୍ଟ୍ରି କୁହାଯାଉଥିବା ରାଜସ୍ଥାନର କୋଟାରେ ଏହି ବର୍ଷକ ଭିତରେ ଏହି ଲେଖାଟି ପ୍ରସ୍ତୁତ ହେବା ବେଳକୁ ବିହାର ଗୟା ଜିଲ୍ଲାର ୧୮ ବର୍ଷୀୟ ବାଲ୍ମିକୀଙ୍କ ଆତ୍ମହତ୍ୟା ଘଟଣାକୁ ମିଶାଇଲେ ସେ ହେଉଛନ୍ତି ୨୨ତମ ଆତ୍ମହତ୍ୟା କରିଥିବା ଛାତ୍ର। ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ସହ ମାନସିକ ଚାପ ସମାନ ଗତିରେ ଆଗକୁ ବଢ଼ି ଚାଲୁଛି। ଚଳିତ ବର୍ଷ ଦେଶର ୨୩ଟି ଆଇଆଇଟିରେ ସମୁଦାୟ ୧୭୩୮୫ ଜଣ ପିଲା ନାମ ଦରଜ କରିଛନ୍ତି।

ରାଜସ୍ଥାନର ତଥାକଥିତ ପ୍ରଖ୍ୟାତ ଓ ତଥାକଥିତ କୁଖ୍ୟାତ କୋଟା ଏପରି ଏକ ସ୍ୱପ୍ନଭୁକ୍ ମାନଙ୍କ ସ୍ୱପ୍ନ କେନ୍ଦ୍ର ପାଲଟିଛି ଯେ ସମଗ୍ର ଭାରତରୁ ଲକ୍ଷ ଲକ୍ଷ ପିଲା ଏଠାକୁ ଛୁଟି ଅସୁଛନ୍ତି। ୮୦ଦଶକରୁ ଛାତ୍ରଙ୍କୁ ଏଠି ଏକ ପ୍ରକାର ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଢ଼େର ବର୍ଷ ତଳେ ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲା। କେବଳ ସେତିକି ନୁହେଁ କେତେକ କ୍ଷେତ୍ରରେ ଅଭିଭାବକମାନେ ଘରଭଡ଼ା ନେଇ ପିଲାମାନଙ୍କ ସହିତ ରହୁଛନ୍ତି ସେମାନଙ୍କ ନୈତିକ ମନୋବଳ ବଢ଼ାଇବା ପାଇଁ। ଏହାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ କୁହାଯାଉଥିଲେ ବି ଏହି ପରିସଂଖ୍ୟାନ କିନ୍ତୁ ନଗଣ୍ୟ।

ବାସ୍ତବ କଥା ହେଉଛି ଏହି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ପ୍ରତିଯୋଗିତା ଆରମ୍ଭ ହୋଇଯାଏ। ସ୍ୱପ୍ନକୁ ଆଗେଇ ନେବାର ଇନ୍ଦ୍ରଜାଲ ଭିତରେ ପଶି ଆସିଥିବା ଏହି ନବାଗତମାନେ ସେମାନଙ୍କ ଅନ୍ଧଗଳିରେ ପଶିଯାଇଥାନ୍ତି ଯାହା ଏକ ପ୍ରକାର ୱାନୱେ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ?

ସ୍ୱପ୍ନ ନେଇ ନିଜ ଆପଣାର ଲୋକମାନଙ୍କୁ ଘରେ ଛାଡ଼ି ଏକ ସୁନେଲୀ ସଫଳତାର ସିଡ଼ିରେ ପହଞ୍ଚିବା ପୂର୍ବରୁ ଛାତ୍ରଛାତ୍ରୀମାନେ କାହିଁକି ଏହି ଯନ୍ତ୍ରଣାସିକ୍ତ ଶେଷ ରାସ୍ତାକୁ ବାଛି ଥାନ୍ତି? ବାସ୍ତବ କଥା ହେଉଛି ଅତ୍ୟଧିକ ପ୍ରତିଯୋଗିତା ମୂଳକ ମନୋବୃତ୍ତି ଓ ପରବର୍ତ୍ତୀ ସମୟରେ ଉଦାସୀନ ପର୍ଯ୍ୟାୟକୁ ଚାଲି ଆସିବା ଓ ଏହାକୁ ନିୟନ୍ତ୍ରିତ ନରଖି ପାରିବା। ଇଞ୍ଜିନିୟରିଂ ଓ ମେଡ଼ିକାଲ ପରି ଭାରତର ଅନ୍ୟତମ ଶ୍ରେଷ୍ଠ ଭିତ୍ତିଗତ କ୍ଷେତ୍ରରେ ପ୍ରତିଯୋଗିତା ଏପରି ସ୍ତରରେ ପହଞ୍ଚିଛି ଯିଏ ବିଫଳତାର ଛୋଟିଆ ଖୁଣ୍ଟକୁ ଅନୁଭବ କରିବା ମାତ୍ରେ ଆତ୍ମହତ୍ୟାକୁ ଶ୍ରେୟସ୍କର ମନେକରୁଛି। କେବଳ ଅଭିଭାବକ, ବାପା ମାଆ ନୁହଁନ୍ତି ପ୍ରଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ଉପରେ ଅତ୍ୟଧିକ ଚାପ ପକାଉଥିବାରୁ ଏହି ସ୍ୱପ୍ନ କାଙ୍ଗାଳମାନେ ନିଜକୁ ମାନସିକ ବିଷାଦଗ୍ରସ୍ତ ମନେକରି ସେମାନଙ୍କ ମନୋବଳକୁ ନଷ୍ଟ କରିଦେଉଛନ୍ତି ଓ ଜୀବନ ହାରିବାକୁ ଶେଷ ଓ ଏକମାତ୍ର ପନ୍ଥା ବୋଲି ଭାବୁଛନ୍ତି। ଆଜିକାଲି ତଥାକଥିତ କୋଚିଂ ସେଣ୍ଟରର ବ୍ୟବସ୍ଥା ଦ୍ୱାରା ଯେଉଁ ଛାତ୍ରଛାତ୍ରୀମାନେ ଆଇଆଇଟିକୁ ଆସୁଛନ୍ତି ସେମାନେ ଏକ ଯନ୍ତ୍ରଗତ ଜୀବନ ବିତାଉଛନ୍ତି। କହିବାକୁଗଲେ ସେମାନେ କୌଣସି ପ୍ରକାର ସାମାଜିକ ଏକ୍ସପୋଜରର ସୁଯୋଗ ହିଁ ପାଇନଥାନ୍ତି। ସେମାନଙ୍କ ମନୋବଳ ନଷ୍ଟ ଓ ବିଷାଦଗ୍ରସ୍ତ ହୃଦୟକୁ ମଲମ ଦେବା ପାଇଁ ସର୍ବୋପରି ସେମାନଙ୍କର ଭାବ ପ୍ରବଣତାକୁ ନିୟନ୍ତ୍ରଣ କରିବା ପାଇଁ ନାଁ ପାଖରେ ନିଜ ପିତାମାତା ବା ଆତ୍ମୀୟ ଥାଆନ୍ତି ନାଁ କୌଣସି ସୁହୃଦ ପରାମର୍ଶଦାତା ବନ୍ଧୁ। ପାଠପଢ଼ା ଚାପ ସହ ଭାରତର ଆଜିର ସମାଜକୁ ଟିକିଏ ନୀରିଖେଇ ଦେଖିଲେ ଜଣାଯାଏ ମଧ୍ୟବିତ୍ତ ପରିବାରର ଆର୍ଥିକ ଟଣାଓଟରା ଓ ସଂଘର୍ଷ, ଦଳିତ ଓ ସଂଖ୍ୟାଲଘୁର ପିଲାମାନଙ୍କ ସାମାଜିକ ବୈଷମ୍ୟତା ମଧ୍ୟ ଅନ୍ୟତମ କାରଣ। ସେହିପରି ବ୍ୟସ୍ତଭରା ରୁଟିନବନ୍ଧା ଜୀବନକୁ ଖୁବ ଦୌଡ଼ରେ ଦୈନନ୍ଦିନ ପଥରେ ଆଗେଇ ନେଉଥିବା ବେଳେ ବିଶ୍ରାମ, ବିରାମ ବା ଅବସର ବିନୋଦନ, ହସକୁଦ ବା ଶାରୀରିକ ବିଶ୍ରାମର ସୁଯୋଗ ବି ମିଳିନଥାଏ। ଏହାସହ ଅସଫଳତାର ସିଡ଼ିକୁ ଡେଇଁ ସଫଳତାକୁ ରାତାରାତି ଛୁଇଁବା ପାଇଁ ଜୀବନକୁ ବାଜି ଲଗାଇ ଦେବାର ଦୁର୍ବାର ଉଦ୍ୟମ, ସେହିଠାରେ ସୃଷ୍ଟି ହେଉଥିବା ପ୍ରେମ ଏବଂ ନିଶା ସେବନ ବି ଯେ ଅନ୍ୟତମ କାରଣ ଏହାବି କାହାକୁ ଅଛପା ନୁହେଁ। ୨୦୨୧ ମସିହାରେ ନ୍ୟାସନାଲ କ୍ରାଇମ ରିପୋର୍ଟ ବ୍ୟୁରୋର ତଥ୍ୟ ଅନୁଯାୟୀ ସେହି ବର୍ଷ ୧୩ ହଜାର ଛାତ୍ରଛାତ୍ରୀ ଆତ୍ମହତ୍ୟା ବା ଶିକ୍ଷା କ୍ଷେତ୍ରରେ ଅସଫଳତା ବା ପାରିପାର୍ଶ୍ୱିକ କାରଣକୁ ନେଇ ଜୀବନ ହାରିଛନ୍ତି।

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ।

ଡାକ୍ତରୀ ବୃତ୍ତିର ପେଷାଗତ ଜୀବନ ବିତାଉଥିବା ଏହି ଲେଖକ ନିଜ ଡାକ୍ତରୀ ଶିକ୍ଷା ଆଦ୍ୟ ଯୌବନର ଏହିପରି ଅନେକ ଅଙ୍ଗେନିଭା ମାର୍ମିକ ସତ୍ୟକୁ ଅନୁଭବ କରିଛି। କୋଟାର ସେହି ଆତ୍ମହତ୍ୟାର ପଥକୁ ବାଛି ନେଉଥିବା ପିଲାମାନଙ୍କ ପାଇଁ ଆଲେଖ୍ୟ ପ୍ରସ୍ତୁତ କଲାବେଳକୁ ହିଁ ଜଣେ ଯେ କହି ତ ଭାବପ୍ରବଣ ହୋଇଯିବ ଆଉ ସେହି 'ଥ୍ରୀ ଇଡିଏଡସ'ର ଗୋଟିଏ ଖୁବ ତାଳିମାଡ଼ ପାଇଥିବା ସଂଳାପ ଉଦ୍ଧୃତ କରୁଛୁ - 'ଏହି ଇଞ୍ଜିନିୟରମାନେ ବହୁତ ସ୍ମାଟ ସାର ସେମାନେ ଏକ ମେସିନ ଉଦ୍ଭାବନ କରିନାହାଁନ୍ତି ଯାହା ମସ୍ତିଷ୍କ ଉପରେ ଚାପକୁ ମାପ କରିପାରିବ। ଯଦି ସେମାନେ କରିଥାନ୍ତେ, ଆମେ ଜାଣିଥାନ୍ତେ ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା।'


କଟିକଟା, ମଙ୍ଗଳପୁର,
ଯାଜପୁର,
ମୋ: ୯୪୩୮୨୭୬୭୬୦


# ଦେଶ ଭିତରେ ସୈନିକ, ବାହାରେ ବୈଜ୍ଞାନିକ


ସୁବ୍ରତ କର




ଆମ ଦେଶରେ ସମ୍ମାନର ଅଧିକାରୀ ହେଉଛନ୍ତି ରାଜନେତା, ଫିଲ୍ମଷ୍ଟାର ଏବଂ ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟରତ ଅଫିସରମାନେ । ଏହାର କାରଣ ହେଲା ଏହି ମାନଙ୍କ ପାଖରେ କ୍ଷମତା ଏବଂ ଟଙ୍କାର ବଳ ଅଛି । ଦେଶରେ ଏହି ମାନଙ୍କୁ ସାଧାରଣ ଜନତା ଭୟ କରନ୍ତି ଏବଂ ବାଧ୍ୟ ହୋଇ ସମ୍ମାନ ମଧ୍ୟ ଦେଇଥାଆନ୍ତି । ଏହି ତିନି ଶ୍ରେଣୀର ବ୍ୟକ୍ତିମାନଙ୍କଠାରେ ପ୍ରଚୁର ଟଙ୍କା ଏବଂ ଏହି ଟଙ୍କା ବଳରେ ଦେଶକୁ ଚଳାଉଛନ୍ତି । ଏମାନଙ୍କ ତୁଳନାରେ ଦେଶର ହଜାର ହଜାର ବୈଜ୍ଞାନିକମାନଙ୍କ ଅବସ୍ଥା ଅତି ଖରାପ । ଏମାନଙ୍କ କେହି ପଚାରନ୍ତି ନାହିଁ ବା ସମ୍ମାନ ମଧ୍ୟ ଦିଅନ୍ତି ନାହିଁ । ଠିକ ସେହିଭଳି ଦେଶକୁ ଭିତର ପଟୁ ଶତ୍ରୁଙ୍କ କବଳରୁ ରକ୍ଷା କରିବା ପାଇଁ ଅଛନ୍ତି ଆମର ସୈନିକମାନେ । ଏହି ଦୁଇ ଶ୍ରେଣୀର ବ୍ୟକ୍ତିମାନେ ହିନ ମନ୍ୟତାର ଶିକାର ହୋଇ ଥାଆନ୍ତି ଏବଂ ଆମ ସମାଜ ଦେଶ ପାଇଁ କାର୍ଯ୍ୟକୁ ଅତି ଶିଘ୍ର ଭୁଲି ଯାଆନ୍ତି । ସମ୍ମାନ ଦେବା ତ ଦୂରର କଥା । ଏହା ପାଇଁ ସମ୍ପୂର୍ଣ୍ଣ ଭାବରେ ଆମ ସରକାର, ଆମର ରାଜନେତା ମାନେ ହିଁ ଦାୟୀ ।

ଏତେସବୁ କଥା କହିବାର ଉଦ୍ଦେଶ୍ୟ ହେଲା ଆମର ଇସ୍ରୋର ପୂର୍ବତନ ନିର୍ଦ୍ଦେଶକ ମାଧବନ ନାୟାର ଅତି ଅଭିମାନର ସହିତ କହିଛନ୍ତି ଯେ ଇସ୍ରୋର କାର୍ଯ୍ୟରତ ସମସ୍ତ ବୈଜ୍ଞାନିକ, ଟେକ୍‌ନିସିଆନ୍ କେହି ପଇସାବାଲା ନୁହଁନ୍ତି ଏବଂ ଆହୁରି କହିଛନ୍ତି ବଳକା ପଇସା ପାଇଁ ମଧ୍ୟ ସେମାନେ ଲାଳାୟିତ ନୁହନ୍ତି । ତାଙ୍କର କାମ, ତାଙ୍କ ପାଖରେ, ପଇସା, ସମ୍ମାନ ଏବଂ ଈଶ୍ୱର । ସେ ଅତି ସ୍ପଷ୍ଟର ସହିତ କରିଛନ୍ତି ସମସ୍ତ କାର୍ଯ୍ୟରତ ଇସ୍ରୋର କର୍ମଚାରୀମାନେ ଅତି ସାଧାରଣ ଜୀବନ ଯାପନ କରିଥାଆନ୍ତି । ସେମାନେ ଭଲ ଭାବରେ ଜାଣିଛନ୍ତି ତାଙ୍କର ମାସିକିଆ ଦରମା ଅନ୍ୟ ଦେଶର ବୈଜ୍ଞାନିକ ମାନଙ୍କଠାରୁ ଏକ ପଞ୍ଚମାଂଶ କମ୍ ବେତନ ପାଇ ଥାଆନ୍ତି । ଏଥିରେ ସେମାନଙ୍କର ଦୁଃଖ ନାହିଁ ବା ଅନ୍ୟ ବିଭାଗର କର୍ମଚାରୀ ଭଳି ସରକାରଙ୍କୁ ଯେତେବେଳେ ସେତେବେଳେ ବିରକ୍ତ କରନ୍ତି ନାହିଁ । ସବୁଠୁ ବଡ଼ କଥା ହେଲା ଚନ୍ଦ୍ରାୟନ-୩ର ସଫଳତା ପାଇ ରାଜକୋଷରୁ ମୋଟ ୬୧୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । ଏହା ତୁଳନାରେ ଅନ୍ୟଦେଶ କଥା ନକହିଲେ ଭଲ । କାଁଭାଁ ବୈଜ୍ଞାନିକଙ୍କୁ ଛାଡ଼ିନେଲେ ଏମାନଙ୍କୁ ଚାକିରି ସରିଲା ପରେ କେହି ଚିହ୍ନି ପାରନ୍ତି ନାହିଁ, ସମାଜରେ ଏମାନଙ୍କୁ କେହି ଅତିଥି କରି ସଭା ସମିତିଙ୍କୁ ଡାକନ୍ତି ନାହିଁ କାରଣ ଏମାନଙ୍କୁ ଠିକ ସେ ବନେଇ, ଚୁନେଇ, ଟାଉଟରି କରି କଥାକହି ଆସେ ନାହିଁ । ସରକାରହେଉ ବା ମନ୍ତ୍ରୀମାନଙ୍କୁ ଏମାନେ ତେଲ ମାରି ପାରନ୍ତି ନାହିଁ ବା ଖୋସାମଦ ମଧ୍ୟ କରନ୍ତି ନାହିଁ । କିନ୍ତୁ ସତରେ ଦେଖନ୍ତୁ ସବୁଠୁ କଷ୍ଟ କରି ଛାତ୍ର ଜୀବନରେ ଖୁବ୍ କମ୍‌ରେ ଡକ୍ଟରେଟ ଡିଗ୍ରୀ ହାସଲ କରି ବୈଜ୍ଞାନିକ ହୋଇଥାଆନ୍ତି । ଏମାନଙ୍କ ପାଖରେ କାମ, ଜ୍ଞାନ ଏବଂ ପାଠପଢ଼ା ଅଗ୍ରାଧିକାର ପାଇଥାଆନ୍ତି । ବହୁତ କଷ୍ଟରେ ବୈଜ୍ଞାନିକ ହୋଇଥାଆନ୍ତି ଦେଶ ପାଇଁ କାମ କରନ୍ତି (ସଚ୍ଚୋଟତାର ସହିତ) ଏବଂ ତା ସହ ଦେଶର ନାଆଁକୁ ଉଜ୍ଜଳ କରନ୍ତି ।



## କବିତା କୋଣାର୍କ

## ନାରୀ ଓ ପୁରୁଷ


ପ୍ରେମାନନ୍ଦ ରାଉତ


ନାରୀ ଓ ପୁରୁଷ
ସୃଷ୍ଟି ପାଇଁ ଦୁହେଁ ଆବଶ୍ୟକ।
ନାରୀଟିଏ ମୃତ୍ୟୁ ସହ ଲଢ଼ି
ମାତୃତ୍ୱ ଲଭିବାରେ
ଅପାର ଆନନ୍ଦ ପାଇଥାଏ।
ନିଜକୁ ତିଳ ତିଳ ଦଗ୍ଧ କରି
ସ୍ନେହ ସୁଖ ବାଣ୍ଟିଦେଇ
ଘରକୁ ବୈକୁଣ୍ଠ କରିଦିଏ।
ନାରୀ -ପୁରୁଷକୁ ଆଶ୍ରା କରି
ନିରାପଦ ବଳୟ ଭିତରେ
ଜୀବନକୁ ଉପଭୋଗ କରିଥାଏ।
ଠିକ୍ ସେମିତି -ପୁରୁଷର
ପ୍ରତ୍ୟେକ ସଫଳତା ପଛରେ
ଜଣେ ନାରୀର ହାତ ଥାଏ।
ସେ ମା ଭାର୍ଯ୍ୟା ଭଉଣୀ
ହୋଇପାରେ।
ଏଣୁ --ନାରୀ ଓ ପୁରୁଷ
ପରସ୍ପର ପରିପୂରକ।
ଗୁଣ-କର୍ମ-ଧର୍ମରେ
ସମକକ୍ଷ କରିବାକୁ
ଚାଲୁଥିବା ଅସାଧୁ ଉଦ୍ୟମ
ଅତ୍ୟନ୍ତ ବିପଦ ଜନକ !


ତିଳପଦା, ଢେଙ୍କାନାଳ


## ନୂତନତ୍ୱ ସନ୍ଧାନେ


ସୁଧାକର ରାଉତ




ଆସ ସକାଳର ସୁନେଲି ଖରାରେ
ମଧ୍ୟାହ୍ନର ପ୍ରଚଣ୍ଡ ତାପରେ
ସାୟନ୍ତନ ର ଅଳ୍ପ ଅନ୍ଧାରରେ
ଖୋଜିବା ନୂତନତ୍ୱ ।

ସବୁ ହତାଶା, ସବୁ ନିରାଶାକୁ,
ଆତ୍ମ କୈନ୍ଦ୍ରିକ ଜୀବନର
ସବୁ ଅହମିକାକୁ,
ଚାହିଁ ଉର୍ଦ୍ଧ୍ୱରୁ ସୁନୀଳ ଆକାଶକୁ
ଭୁଲିଯିବା ସବୁ ।

ସନ୍ଧାନୀ ଆଖିରେ ଭବିଷ୍ୟ
ଗଢିବାର ସ୍ୱପ୍ନ ନେଇ
ଶ୍ରାବଣର ବରକୋଳିଆ ଟୋପାରେ
ନିଜର ସମସ୍ତ ଆସକ୍ତିକୁ
ଧୋଇଦେଇ ।

ମିଥ୍ୟା ଛଳନାର
ସମସ୍ତ ପୋଷାକକୁ ଫିଙ୍ଗିଦେଇ
ଦୂର ଦିଗବଳୟର
ମାସ୍ତୁଲକୁ ଚାହିଁ ଚାହିଁ
ନିଜକୁ ସାମିଲ କରିବା
ସେମାନଙ୍କ ନିଷ୍ଠା, ଅଧ୍ୟବସାୟର
ନୂତନ କାହାଣୀରେ ।

ବିଶ୍ୱ ଦରବାରରେ ନିଜର
ଦୃଢ଼ ପ୍ରତିଷ୍ଠାର ଜୟ ଜୟ କାରରେ।
କେତେ ଆଉ ଦେଖୁଥିବା
ଗ୍ଲାନି,କ୍ଲାନ୍ତି ଆଉ କ୍ଷୋଭର ସପନ ।

ହୃଦୟ ଝରକା, କବାଟର
ସବୁ ଦ୍ୱାର ଖୋଲିଦେଇ
ଶୁଦ୍ଧତା,ସରଳତାରେ
ସ୍ୱୀକାର କରିବା ଅକ୍ଳେଶରେ
ସବୁ ଆହ୍ୱାନ ।

ହେଉ ଚନ୍ଦ୍ର,ଶୁକ୍ର ଅବା ରବି
ନୂଆ ସାମ୍ରାଜ୍ୟର
ଭିତ୍ତି ପ୍ରସ୍ତର ସ୍ଥାପନେ ଆଉ
ଯିବାନାହିଁ ଦବି ।


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


## ବନ୍ଧୁତା


ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ


ବନ୍ଧୁତାର ପରିଭାଷାତ ବୁଝେନାଁ ଅର୍ଥେ ଜୀଇଁଥିବା ମଣିଷ
ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହି ସେତ କରେ ନାହିଁ କାରେ ବିଶ୍ୱାସ,

ସହଜରେ କେଉଁ କଥାକୁ କେବେବି ନକରି ପାରେ ସେ ଗ୍ରହଣ
ଟଙ୍କା ପାଇଁ ସେତ ମୁହଁ କରେ ବଙ୍କା ବନ୍ଧୁ ମନେ ଭରେ କଷଣ,

ସୁଦାମା ପରିକା ବନ୍ଧୁକୁ ପାଇବି କୃଷ୍ଣ ସେତ ସାଜି ପାରେନାଁ
ଧନ ଅହଂକାରେ ଅନ୍ଧ ପାଲଟି ସେ ସଖାକୁ ଆଦର କରେନାଁ,

ସଖାର ଦରିଦ୍ର ଅବସ୍ଥାକୁ ଦେଖି ଥଟ୍ଟା ପରିହାସ କରଇ
ପୂରୁବ ସାହାଯ୍ୟ କଥାକୁ ତୁଣ୍ଡରେ ବାରମ୍ବାର ସେତ ଧରଇ,

ବନ୍ଧୁର ଅଭାବ ଅସୁବିଧା ଜାଣି ଦିଏ ନାହିଁ ସେତ ଗୁରୁତ୍ୱ
ଅଯଥାରେ ସେତ ହୋଇଣ ବିରକ୍ତ ଜାହିର କରଇ ପ୍ରଭୁତ୍ୱ,

ସହଜ ସରଳ ନହୋଇଲେ ବନ୍ଧୁ ଅନ୍ତରୁ ଝରଇ ଗରଳ
ହୁଏ ବିବାଦୀୟ ବନ୍ଧୁତା ସମ୍ପର୍କ ପରିସ୍ଥିତି ହୁଏ ଜଟିଳ,

ଧନ ରତନଠୁ ଅଟଇ ଅମୂଲ୍ୟ ବନ୍ଧୁତାର ପ୍ରୀତି ବନ୍ଧନ
ସେପରି ବନ୍ଧନେ ହୋଇଲେ ଆବଦ୍ଧ ପ୍ରୀତ ହେବେ ନନ୍ଦ ନନ୍ଦନ ।

ଌଌଌ


କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର (ଓଡ଼ିଶା )


## ଜୀବନ ଗୋଟିଏ...


ସନ୍ତୋଷ କୁମାର ଅଦାବର


ଜୀବନ ଗୋଟିଏ ସ୍ମୃତି ଇତିହାସ
ଖଟା ମିଠା ଭରା ଘଟଣା
ଜୀବନ ଗୋଟିଏ ପ୍ରେମ ଉପନ୍ୟାସ
ହସ ଲୁହ ମିଶା ଜୋଛନା ।

ଜୀବନ ଗୋଟିଏ ସଂଘର୍ଷ କାହାଣୀ
ଲୁହ ଓ କୋହର ହୃଦୟ
ଜୀବନ ଗୋଟିଏ ଭ୍ରମଣ ପ୍ରବନ୍ଧ
ମଧୁର ଅନୁଭୂତି ମୟ ।

ଜୀବନ ଗୋଟିଏ ସଂପର୍କ କବିତା
ବିଶ୍ୱାସ,ସ୍ନେହର କୁଟୀର
ଜୀବନ ଗୋଟିଏ ଗଣିତ ନାଟକ
ମିଶାଣ ଓ ଫେଡ଼ାଣ ଖେଳ ।

ଜୀବନ ଗୋଟିଏ ଧାରାବାହିକ ର
ଉତ୍କଣ୍ଠା ଉଦ୍ବେଗ ଅଧ୍ୟାୟ
ଜୀବନ ଗୋଟିଏ ଗ୍ରୀଷ୍ମ ମରୀଚିକା
କେବେ ପୁଣି ସେ ମଧୁମୟ ।


ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ସମସ୍ତ ସରକାରୀ ନିଯୁକ୍ତି ଜିଲ୍ଲାଭିତ୍ତିକ ନହେଲେ ଅବିଭକ୍ତ କୋରାପୁଟରେ ବନ୍ଦ ପାଳନ ହେବ: ତାରା



ଜୟପୁର, ୨୭/୦୮ (ନି.ପ୍ର): ଏଣିକି ସମସ୍ତ ସରକାରୀ ପଦ ପଦବିରେ ନିଯୁକ୍ତି ଜିଲ୍ଲାଭିତ୍ତିକ କରାଯାଉ। ନଚେତ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାବ୍ୟାପି ବନ୍ଦ ପାଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ବିଧାୟକଙ୍କୁ ଶନିବାର ଦିନ ସ୍ଥାନୀୟ ଅଂଚଳର ଶତାଧିକ ଶିକ୍ଷିତ ବେକାର ଯୁବକ ମାନେ ଭେଟି ଏ ଦିଗରେ ଦୃଷ୍ଟି ଦେବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାର କୋଣ ଅନୁକୋଣର ଶତାଧିକ ଶିକ୍ଷିତ ଯୁବକମାନେ ଜୟପୁର ବିଧାୟକ ଶ୍ରୀ ବାହିନୀପତିଙ୍କୁ ଭେଟି ଶିକ୍ଷକ, ତାଲିମ ପ୍ରାପ୍ତ ଶିକ୍ଷକ, ପୁଲିସ, ଫରେଷ୍ଟଗାର୍ଡ଼, ଏଲଆଇ, ଆରଆଇ ସହ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦବି ଗୁଡିକରେ ସ୍ଥାନୀୟ ବେକାର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେବା ଦାବି କରିଥିଲେ। ସେ ଏହି ଦାବିକୁ ନେଇ ପୂର୍ବରୁ ବିଧାନସଭାରେ ଉଠାଇବା ସହ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଓ ମୁଖ୍ୟଶାସନ ସଚିବଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସଂପ୍ରତି ଚୁକ୍ତିଭିତ୍ତିରେ ୨୦ହଜାର ଶିକ୍ଷକ ନିଯୁକ୍ତି ଦେବାକୁ ସରକାର ଯୋଜନା କରିଛନ୍ତି। ତାହା ସ୍ୱାଗତ ଯୋଗ୍ୟ। କିନ୍ତୁ କିଛି ରାଜନୈତିକ ନେତାଙ୍କ ପ୍ରରୋଚନାରେ ଉପକୂଳ ଜିଲ୍ଲାର ଶିକ୍ଷିତ ବେକାର ପିଲା ମାନେ ସମଗ୍ର ରାଜ୍ୟରେ ଏକକ ନିଯୁକ୍ତି ପାଇଁ ଦାବି ଉଠାଇବା ଯୋଜନାରେ ରହିଛନ୍ତି। ଯଦି ରାଜ୍ୟ ସରକାର ଏଥରକ ବି ଶିକ୍ଷକ ନିଯୁକ୍ତି ଜିଲ୍ଲାଭିତ୍ତିକ ନ କରନ୍ତି ତେବେ ସେ ଆଇନକୁ ହାତକୁ ନେବାକୁ ବାଧ ହେବେ। ଏଥିରେ ଦଳମତ ନିର୍ବିଶେଷରେ ଅବିଭକ୍ତ କୋରାପୁଟଜିଲ୍ଲାବାସୀଙ୍କ ସ୍ୱାର୍ଥ ରହିଥିବାରୁ ସବୁ ସହଯୋଗ କରିବେ। ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା ବ୍ୟାପି ବନ୍ଦ ପାଳନ କରିବା ସହ ସମସ୍ତ ଉପକୂଳଜିଲ୍ଲାର ସରକାରୀ ଅଧିକାରୀଙ୍କୁ ଜିଲ୍ଲାରେ ରଖାଇ ଦିଆଯିବ ନାହିଁ। ସେଭଳି ଉପକୂଳଜିଲ୍ଲାର କୌଣସି ପିଲା ନିଯୁକ୍ତି ପାଇ ଆସିଲେ ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟକୁ ପଶାଇ ଦିଆଯିବ ନାହିଁ ବୋଲି ବିଧାୟକ ତାରା ଚେତାବନୀ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷିତ ପିଲା ବେକାର ହୋଇ ରହିବେ, ଅନ୍ୟ ଜିଲ୍ଲାର ପିଲା ଆସି ନିଯୁକ୍ତି ପାଇବେ। ଏହା କେତେ ଦୁର ସମୀଚିନ। ରାଜ୍ୟ ସରକାର ଚକ୍ରାନ୍ତ କରି କୋରାପୁଟ ଜିଲ୍ଲାରୁ ବିଏଡ୍ ପାଠ୍ୟକ୍ରମକୁ ଉଚ୍ଛେଦ କରାଇଛନ୍ତି। କୋରପୁଟ ବିଏଡ୍ କଲେଜ ଓ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରୁ ବିଏଡ୍ ଚାଲିଯିବା ପଛରେ ସରକାରଙ୍କ ଇଚ୍ଛାଶକ୍ତି ଅଭାବରୁ ହୋଇଛି। ତୁରନ୍ତ ବିଏଡ୍ ପାଠ୍ୟକ୍ରମ ଖୋଲିବାକୁ ଦାବି କରିଥିଲେ ବିଧାୟକ। ସେଭଳି ବିଏଡ୍, ଡାଏଟ୍ ଆଦିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପିଲାଙ୍କୁ ଅଗ୍ରାଧିକାର ଦେବାକୁ ଦାବି କଲେ ବିଧାୟକ। ପ୍ରଥମେ ମା, ମାଟି। ନିଜ ଅଂଚଳର ଶିକ୍ଷିତ ପିଲାବେକାର ହୋଇ ରହିବା କେତେ ଦୂର ସମୀଚିନ। ବିଜେଡିରେ ରହିଥିବା ବିଧାୟକ, ମନ୍ତ୍ରୀ ଓ ସାଂସଦଙ୍କର ସତସାହାସ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ପାଇଁ ନାହିଁ। ସେମାନେ ସ୍ୱର ଉଠାଇ ପାରିବେ ନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେ ତାଙ୍କ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି ଜୟପୁର ବିଧାୟକ। ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କ ଦୁଃଖ, ଦୁର୍ଦ୍ଦଶା ଓ ସ୍ୱର ଯଦି ରାଜ୍ୟସରକାରଙ୍କ ନିକଟରେ ପହଚିଂ ପାରୁ ନାହିଁ ତେବେ ସେ ନିଜେ ଏହା ପହଚାଂଇବେ ବୋଲି କହିଛନ୍ତି ବିଧାୟକ।

# ଶିମିଳିପାଳରେ ବିଚିତ୍ର ସ୍ଥିତି: ବଦଳୁଛି ମହାବଳ ବାଘଙ୍କ ରଙ୍ଗ

ବାରିପଦା, ୨୭/୦୮ (ନି.ପ୍ର): ଦେଶର ହାତଗଣତି ଅଭୟାରଣ୍ୟରେ ମହାବଳ ବାଘଙ୍କ ଉପସ୍ଥିତି ଥିବା ବେଳେ ଏଥିରୁ ଅନ୍ୟତମ ମୟୂରଭଞ୍ଜର ଶିମିଳିପାଳ। ଜୈବ ବିବିଧତା ପାଇଁ ବିଶ୍ୱପ୍ରସିଦ୍ଧ ଏହି ଅଭୟାରଣ୍ୟରେ ୨୦ରୁ ଅଧିକ ମହାବଳ ଅଛନ୍ତି। ତେବେ କୌଣସି କାରଣରୁ ଏଠାରେ ମହାବଳ ବାଘଙ୍କ ଶରୀର ରଙ୍ଗ ବଦଳିବାରେ ଲାଗିଛି। ସାଧ ?ାରଣତଃ ମହାବଳର ରଙ୍ଗ ହଳଦିଆ ହୋଇଥିବା ବେଳେ ଦେହ ଉପରେ କଳା ରଙ୍ଗର ପଟାପଟା ଦାଗ ରହିଥାଏ। ହେଲେ ଏଠାରେ ବାଘଙ୍କ ରଙ୍ଗ ହଳଦିଆ ପରିବର୍ତ୍ତେ କଳା ହେବାରେ ଲାଗିଛି। ଅଭୟାରଣ୍ୟରେ ଲାଗିଥିବା କ୍ୟାମେରାରେ ଏଭଳି କିଛି ବାଘଙ୍କ ଫଟୋ ଦେଖିବା ପରେ ଖୋଦ୍ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ବି ହରଡ଼ଘଣାରେ ପଡ଼ିଛନ୍ତି। ସଂକ୍ରମଣଜନିତ ରୋଗ, ଜିନ୍ ପରିବର୍ତ୍ତନ ବା ଅନ୍ୟ କୌଣସି କାରଣରୁ ବ୍ୟାଘ୍ରଙ୍କ ସ୍ୱାଭାବିକ ରଙ୍ଗ ବଦଳୁଛି, ତାର କାରଣ ଖୋଜିବାକୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହାୟତା ଲୋଡ଼ିଛନ୍ତି ଅଭୟାରଣ୍ୟ କର୍ତ୍ତୃପକ୍ଷ। ପୂର୍ବରୁ ଶିମିଳିପାଳରେ ୧୮ଟି ମହାବଳ ଥିବା ବେଳେ ନିକଟରେ ପ୍ରକାଶିତ ଜାତୀୟ ବାଘ ଗଣନା ରିପୋର୍ଟ ଅନୁଯାୟୀ ଏବେ ୨୦ଟି ବାଘ ଅଛନ୍ତି। ଚାରିଆଡ଼େ ବାଘବଂଶ ହ୍ରାସ ପାଇଥିବା ବେଳେ ଏଠାରେ ବ୍ୟାଘ୍ର ବଂଶ ବୃଦ୍ଧି ଏକ ଖୁସି ଖବର। ତେବେ ବାଘ ଗଣନା ପାଇଁ ଶିମିଳିପାଳ କୋର ଏରିଆରେ ଲାଗିଥିବା କ୍ୟାମେରାରେ ମହାବାଳ ବାଘମାନଙ୍କ ଯେଉଁ ଫଟୋ କଏଦ ହୋଇଛି ସେଥିରୁ ବାଘର ରଙ୍ଗ ହଳଦିଆ ବଦଳରେ କଳା ପଡ଼ିଥିବା ସ୍ପଷ୍ଟ ଦେଖାଯାଉଛି। ଏହା ପ୍ରକୃତରେ ମହାବଳ ନା କଳାବାଘ, ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି ବନ ବିଭାଗ। କାରଣ ଶିମିଳିପାଳରେ ବିରଳ କଳାବାଘ ଥିବା ନେଇ ପ୍ରଥମେ ୧୯୮୭ ମସିହାରେ ରିପୋର୍ଟ ପ୍ରକାଶ ପାଇଥିଲା। ଯଦିଓ ସେତେବେଳେ ଏ ବାବଦରେ କିଛି ଠୋସ୍ ପ୍ରମାଣ ମିଳିନଥିଲା; ୨୦୦୮ ମସିହାରେ କ୍ୟାମେରା ଟ୍ରାପିଂରେ ଏକ କଳାବାଘର ଫଟୋ ଉତ୍ତୋଳିତ ହୋଇଥିଲା। ଚଳିତବର୍ଷ ଶିମିଳିପାଳ ମଧ୍ୟରୁ ଏକ କଳାବାଘର ମୃତଦେହ ବି ଠାବ ହୋଇଥିଲା। ତେବେ ବିଶ୍ୱରେ କ୍ୱଚିତ୍ ଦେଖା ଯାଉଥିବା ଏହି କଳାବାଘ ଶିମିଳିପାଳରେ କେତେ ସଂଖ୍ୟାରେ ଅଛନ୍ତି, ସେ ସଂକ୍ରାନ୍ତରେ ଆଜି ଯାଏ କିଛି ସ୍ପଷ୍ଟ ହୋଇ ପାରିନାହିଁ। 'ଓ୍ୱିକିପିଡିଆର ତଥ୍ୟ ଅନୁଯାୟୀ ଶିମିଳିପାଳରେ ମହାବଳ ବାଘଙ୍କ ମଧ୍ୟରୁ ୩୭ ପ୍ରତିଶତ ବାଘଙ୍କ ରଙ୍ଗ ହଳଦିଆ ପରିବର୍ତ୍ତେ ସାମାନ୍ୟ କଳା ଥାଏ। ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶଚାନ୍ଦ ଗୋଗିନାନୀଙ୍କ ମତ ବି ଏହି ତଥ୍ୟକୁ ସମର୍ଥନ କରୁଛି। ତାଙ୍କ କହିବା ଅନୁଯାୟୀ; ଏଠାରେ ୧୫ରୁ ଅଧିକ ବାଘ ଠାବ ହୋଇଛନ୍ତି, ଯାହାଙ୍କର ରଙ୍ଗ ଈଷତ୍ ହଳଦିଆ ପରବର୍ତ୍ତେ କଳା ଦିଶୁଛି। ତେବେ ଏହି ଧରଣର ବାଘବଂଶ ବୃଦ୍ଧି ପାଇବା ଠିକ୍ ନୁହେଁ ବୋଲି କହିଛନ୍ତି ବନ୍ୟଜନ୍ତୁ ବିଶାରଦ ଭାନୁମିତ୍ର ଆଚାର୍ଯ୍ୟ। ଏ ନେଇ ଅଧିକ ଗବେଷଣା ଜରୁରି ବୋଲି ସେ କହିଛନ୍ତି। ରଙ୍ଗ ପରିବର୍ତ୍ତନ ବାଘବଂଶ ଉପରେ କିଛି ପ୍ରଭାବ ପକାଇବ ନା ନାହିଁ, ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଗବେଷକଙ୍କ ସହଯୋଗ ଲୋଡ଼ିଛନ୍ତି ଶିମିଳିପାଳ କର୍ତ୍ତୃପକ୍ଷ। ବେଙ୍ଗାଲୁରୁର ଏକ ବିଶେଷଜ୍ଞ ଦଳ ଶିମିଳିପାଳ ଆସି ଏଠାକାର ମହାବଳ ବାଘଙ୍କ ମଳ, ଆମ୍ପୁଡ଼ା ଦାଗ, ବାନ୍ତି ଆଦି ବିଭିନ୍ନ ନମୁନା ସଂଗ୍ରହ କରି ରଙ୍ଗ ପରିବର୍ତ୍ତନ ବାବଦରେ ଅନୁଧାନ ଚଳାଇଛନ୍ତି।

# ମାଡ଼ିବସିଛନ୍ତି ୩୦ କୋଟିର ସରକାରୀ ଜାଗା: ଗଢ଼ିଉଠିଛି ବ୍ୟାବସାୟିକ ପ୍ରତିଷ୍ଠାନ



ରାଉରକେଲା, ୨୭/୦୮ (ନି.ପ୍ର): ସହରର ମୂଲ୍ୟବାନ ସରକାର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଗୋଟିଏ କି ଦୁଇଟି ନୁହେଁ ସହରର ପ୍ରାୟ ଅଧିକାଂଶ ସ୍ଥାନରେ କୋଟିକୋଟି ଟଙ୍କାର ସରକାରୀ ଜାଗାକୁ ମାଡ଼ିବସିଛନ୍ତି। କେଉଁଠି ବ୍ୟବସାୟିକ ପ୍ରତିଷ୍ଠାନ, ଗୋଦାମ ଗୃହ ତ ଆଉ କେଉଁଠି ସୋରୁମ୍ ଗଢ଼ି ଉଠିଛି। ହେଲେ ଆଜି ପର୍ଯ୍ୟନ୍ତ ଏମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ୍। ଆଶ୍ଚର୍ଯ୍ୟ କଥା ଯେଉଁ ସ୍ଥାନକୁ ଜିଲ୍ଲା ପ୍ରଶାସନ ଉଚ୍ଛେଦ କରୁଛି, କିଛି ମାସ ପରେ ସେଠି ପୁଣି ଗୃହ ନିର୍ମାଣ ହେଉଛି। ଏମିତି ସ୍ଥିତି ଉପୁଜିଛି ଉଦିତନଗର ଓରାମପଡା ଇଣ୍ଡୋ ଇଂରାଜୀ ମାଧମ ସ୍କୁଲ ସମ୍ମୁଖରେ। ପ୍ରାୟ ୨ ଏକରରୁ ଅଧିକ ସରକାରୀ ଜାଗାରୁ ୭୦% ମାଡ଼ି ବସିଲେଣି। ଯେଉଁଠି ଗଢ଼ି ଉଠିଛି ଗୋଦାମ, ଦୋକାନ ଓ ଅନ୍ୟାନ୍ୟ ଗୃହ। ଅବଶିଷ୍ଟ ୩୦% ଜାଗାରେ ବେଆଇନ ଭାବେ ଏବେ ଗୃହ ନିର୍ମାଣ ଚାଲିଛି। ସ୍ଥାନୀୟ ତହସିଲଦାରଙ୍କୁ ଖୋଲା ଚାଲେଞ୍ଜ ଦେଇ ମାସମାସ ଧରି ଏଭଳି ବେଆଇନ କାମ ଚାଲିଛି। ହେଲେ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ନଜର ନ ପଡ଼ିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଏହି ମୂଲ୍ୟବାନ ସରକାରୀ ଜାଗାକୁ ଜଣେ ବ୍ୟବସାୟୀ ଓ ରାଜନୈତିକ ଦଳର ନେତା ମାଡ଼ି ବସିଥିଲେ। ସିମେଣ୍ଟ ଖୁଣ୍ଟି ଓ ଟିଣ ଚାଦର ଘେରାଇ କିଛି ମାସ ରଖିଥିଲେ। ପରବର୍ତ୍ତୀ ସମୟରେ ସେହି ଜାଗାରେ ଗୋଟିଏ ପରେ ଗୋଟିଏ ଘର ନିର୍ମାଣ କରିଥିଲେ। ଜିଲ୍ଲା ପ୍ରଶାସନ ନିକଟରେ ସୂଚନା ପହଞ୍ଚିବା ପରେ ସେହି ଜାଗାରୁ ଜବରଦଖଲକାରୀଙ୍କୁ ହଟାଯାଇଥିଲା। ପ୍ରାୟ ୧୦% ଜାଗାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି। ଅବଶିଷ୍ଟ ଜାଗା ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ମୁଖ୍ୟ ନାଳର ଦୁଇ ପାର୍ଶ୍ୱ ଜାଗାରେ ଦିନରାତି ବେଆଇନ ଦୋକାନ ଓ ଗୋଦାମ ଗୃହ ନିର୍ମାଣ ଚାଲିଛି। ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରୁଥିବା ସ୍ଥାନୀୟ ଲୋକଙ୍କୁ ଜବରଦଖଲକାରୀ ଓଲଟା ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହଛନ୍ତି, ତଦନ୍ତ କରି ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଆସନ୍ତା ଦିନରେ ମୂଲ୍ୟବାନ ସରକାରୀ ଜମିକୁ ରୋକିବାକୁ ଜିଲ୍ଲା ପ୍ରଶାସନ କେତେ ତତ୍ପର ହେଉଛନ୍ତି, ତା ଉପରେ ସମସ୍ତଙ୍କ ନଜର ରହିଛି। ଉଲ୍ଲେଖଯୋଗ୍ୟ, ରାଉରକେଲାର କେବଳ ଗୋଟିଏ ସ୍ଥାନ ନୁହେଁ, ଉଦିତନଗର, ବାସନ୍ତୀକଲୋନି ରେଳ ଫାଟକ ପାର୍ଶ୍ୱରେ ପ୍ରାୟ ୫ ଏକର ୬ ଡିସିମିଲ ଅର୍ଥାତ୍ ୨୦୦ କୋଟି ଟଙ୍କା ମୂଲ୍ୟର ଜଙ୍ଗଲ ଜମି ଏବେ ବଡ଼ବଡ଼ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ସେମିତି ମାଲଗୋଦାମରେ ଆରସିଏମ୍‌ଏସ୍‌ର ପ୍ରାୟ ୫୦ କୋଟିର ସରକାରୀ ଜାଗାକୁ ବି ସ୍ଥାନୀୟ ଲୋକ ମାଡ଼ି ବସିଛନ୍ତି।

# ବର୍ଷା ହିଁ ଏକମାତ୍ର ଭରସା: ସୁନ୍ଦରଗଡ଼ ଜିଲ୍ଲାର ୧୬ ହଜାର ହେକ୍ଟର ଜମିରେ ହୋଇପାରିନି ଚାଷ



ରାଉରକେଲା, ୨୭/୦୮ (ନି.ପ୍ର): ବର୍ଷାର ଲୁଚକାଳି ଜିଲ୍ଲାରେ ଚାଷକୁ ଅନ୍ଧକାର ଭିତରକୁ ଠେଲିଦେଇଛି। ବର୍ଷା ଏକ ପ୍ରକାର ଉଭାନ୍ ହୋଇଯାଇଥିବାରୁ ଚଳିତ ବର୍ଷ ଜିଲ୍ଲାର ଧାନ ଚାଷ ଲକ୍ଷ୍ୟ ପୂରଣ ହେବ ନା ନାହିଁ; ସେନେଇ ଦ୍ୱନ୍ଦ ଦେଖାଦେଲାଣି। ଏବେ ବି ଜିଲ୍ଲାର ପାଖାପାଖି ୧୬,୧୪୦ ହେକ୍ଟର ଜମିରେ ଧାନ ଚାଷ ହୋଇପାରିନି। ଅବଶ୍ୟ, ଆଗାମୀ ସପ୍ତାହେ ଭିତରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଜିଲ୍ଲା କୃଷି ବିଭାଗ ଆଶାବାଦୀ। ତେବେ ବର୍ଷା ହେଲେ ହିଁ ଜିଲ୍ଲାର ସମସ୍ତ ଜମିରେ ଧାନ ଚାଷ ସମ୍ଭବ ହେବ। ଅନ୍ୟଥା, ପୂର୍ବବର୍ଷ ଭଳି ଏଥର ମଧ୍ୟ ଜମି ପଡ଼ିଆ ପଡ଼ିବା ଆଶଂକା ରହିଛି। ସେହିଭଳି ଜିଲ୍ଲାରେ ଅଣଧାନ ଚାଷ ବି ଢେର ପଛେଇ ଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ମୋଟ୍ ୩ ଲକ୍ଷ ୧୩ ହଜାର ହେକ୍ଟର ଚାଷ ଜମି ରହିଛି। ଏଥିମଧ୍ୟରୁ ୨ ଲକ୍ଷ ୧୨ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଉଥିବାବେଳେ ଅବଶିଷ୍ଟ ୧ ଲକ୍ଷ ୧ ହଜାର ହେକ୍ଟର ଜମିରେ ପନିପରିବା, ତୈଳବୀଜ, ମିଲେଟ୍ ଓ ଚଣା ଜାତୀୟ ଚାଷ କରାଯାଇଥାଏ। ପୂର୍ବ ବର୍ଷ ଭଳି ଏଥର ମଧ୍ୟ ୨.୧୨ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ତେବେ ଅଗଷ୍ଟ ୨୫ ତାରିଖ ସୁଦ୍ଧା କେବଳ ୧ ଲକ୍ଷ ୯୫ ହଜାର ୮୬୦ ହେକ୍ଟର ଜମିରେ ଚାଷ ସମ୍ଭବ ହୋଇଛି। ଅର୍ଥାତ୍ ଏବେଯାଏ ଜିଲ୍ଲାରେ ୧୬,୧୪୦ ହେକ୍ଟର (୭.୬୧%) ପଡ଼ିଆ ପଡ଼ିଛି। ଉଲ୍ଲେଖଯୋଗ୍ୟ, ଧାନ ଚାଷ ପାଇଁ ରୁଆ, ଧାନବୁଣା ସମୟ ପ୍ରାୟ ସାରିଆସିଲାଣି। ଆଗାମୀ ସପ୍ତାହକ ଭିତରେ ବର୍ଷା ହେଲେ ଏସବୁ ଜମିରେ ଧାନ ଚାଷ ହୋଇପାରିବ। ପୂର୍ବ ଦୁଇ ବର୍ଷ, ଅର୍ଥାତ୍ ୨୦୨୧ ଓ ୨୦୨୨ ମସିହାରେ ଜିଲ୍ଲାରେ ଧାନ ଚାଷ ଲକ୍ଷ୍ୟ ପୂରଣ ନ ହେବାରୁ ବହୁ ପରିମାଣରେ ଜମି ପଡ଼ିଆ ପଡ଼ିଥିଲା। ୨୦୨୧ ମସିହାରେ ମୋଟ ୮୯୫୩ ହେକ୍ଟର ଜମି ପଡ଼ିଆ ରହିଥିବାବେଳେ ୨୦୨୨ ମସିହାରେ ୧୩ ହଜାର ୩୯୪ ହେକ୍ଟର ଜମିରେ ଚାଷ ହୋଇପାରି ନଥିଲା। ସେହିଭଳି ବର୍ଷାରେ ଅନିୟମିତତା ଯୋଗୁଁ ପନପରିବା, ଅଣଧାନ ଚାଷ ବି ବେଶ ଧିମେଇ ଯାଇଛି। ଶୁକ୍ରବାର ସୁଦ୍ଧା ଜିଲ୍ଲାର ମାତ୍ର ୬୨,୪୨୬ ହେକ୍ଟର ଜମିରେ ପନିପରିବା, ଡାଲି ଜାତୀୟ, ମିଲେଟ ଆଦି ଚାଷ ହୋଇଛି। ଅର୍ଥାତ୍, ଏଯାଏ ୩୮,୫୭୪ ହେକ୍ଟର (୩୮.୧୯%) ଜମିରେ ଏ ଜାତୀୟ ଚାଷ ହୋଇନଥିବାରୁ ପଡ଼ିଆ ପଡ଼ିଛି। ଏହି ଅଣଧାନ ଚାଷ ବି ବର୍ଷା ଉପରେ ନିର୍ଭରଶୀଳ। ତେବେ ଏ ଜାତୀୟ ଚାଷ ପାଇଁ ଏବେ ବି ସମୟ ଥିବାରୁ ସାମାନ୍ୟ ବିଳମ୍ବରେ ବର୍ଷା ହେଲେ ବି ଏହା ହୋଇପାରିବ। ଏତଦ୍‌ବ୍ୟତୀତ ଜିଲ୍ଲାର ବହୁ ଚାଷୀ ନିଜେ ପାଣି ବ୍ୟବସ୍ଥା କରି ଅଣଧାନ ଚାଷ କରୁଥିବାରୁ ଏହା ଉପରେ ବିଶେଷ ପ୍ରଭାବ ପଡ଼ିନପାରେ ବୋଲି କୃଷି ବିଶେଷଜ୍ଞମାନେ କହିଛନ୍ତି।

# ମାଇଁ ଏନ୍.ସି.ସି ଆଲୁମିନି ଆସୋସିଏସନ୍ ତରଫରୁ ହର ଘର ଏକ ପୌଧା: ୪୫୦୦୦ ଉର୍ଦ୍ଧ୍ୱ ଚାରାରୋପଣ

କେନ୍ଦ୍ରାପଡ଼ା, ୨୭/୦୮ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଜିକୃତ ସଂସ୍ଥା ମାଇଁ ଏନ୍.ସି.ସି ଆଲୁମିନି ଆସୋସିଏସନ୍ ତରଫରୁ ଅଗଷ୍ଟ ୦୧ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ କରାଯାଇଥିବା "ହର ଘର ଏକ ପୌଧା" ଅନ୍ତର୍ଗତ ଏକ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଯାଇଅଛି। କାର୍ଯ୍ୟକ୍ରମରେ ୪୫୦୦୦ ଉର୍ଦ୍ଧ୍ୱ ଚାରା ରୋପଣ ସାରା ଭାରତ ବର୍ଷରେ କୋଣ ଅନୁକୋଣରୁ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଯଥା ସ୍ମାଇଲପ୍ଲୀଜ ଫାଉଣ୍ଡେସନ, ନିସ୍ୱାର୍ଥ ସେବା ସଙ୍ଗଠନ, ଶ୍ରୀକୃଷ୍ଣ ଫାଉଣ୍ଡେସନ, ଉତ୍ସର୍ଗ ପରିବାର, ତୁଳସୀକ୍ଷେତ୍ର ହେଲପ ଫାଉଣ୍ଡେସନ, ଆଦର୍ଶ ଯୁବ ପରିଷଦ, ମା ରାମଚଣ୍ଡୀ ସେବା ସମିତି, ଅଭିନବ ପ୍ରୟାସ ପରିବାର ଛୋଟ ଏକ ପ୍ରୟାସ, ଶ୍ରୀ ଶ୍ରୀ ସଚିଦାନନ୍ଦ ସ୍ୱେଚ୍ଛାସେବୀ ସଙ୍ଗଠନ, ଶ୍ରୀହରି ଫାଉଣ୍ଡେସନ, କଲ୍ୟାଣୀ ଚାରୀ ଟେବୁଲ ଟ୍ରଷ୍ଟ, ବରଗଡ ପରିବେଶ ବକାଶ ମଂଚ, ଅମୃତ ତରାଇ, ବିନୋଦ କୁମାର ନାୟକ ପ୍ରମଖମାନେ ମଧ୍ୟ ସହଯୋଗର ହାତ ବଢାଇଥିଲେ। ତତ୍ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ସରସ ଓ ସୁନ୍ଦର କରିବା ପ୍ରୟାସରେ ଏକ ଚାରାରୋପଣ ଲାର୍ଯ୍ୟକ୍ରମ ହୋଇଯାଇଅଛି।

# କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, ୨୭/୦୮ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ, ପୂର୍ବତନ ଶୃଙ୍ଖଳା କମିଟି ଅଧକ୍ଷା, ପୂର୍ବତନ ଏ.ଆଇ.ସି.ସି ସଦସ୍ୟା ସନ୍ଧ୍ୟା ମହାପାତ୍ରଙ୍କର ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗ ଦେଇ ସନ୍ଧ୍ୟା ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରୀ ପଟ୍ଟନାୟକ କହିଛନ୍ତି ସନ୍ଧ୍ୟା ଦେବୀ କଂଗ୍ରେସ ଦଳରେ ଦୀର୍ଘଦିନ ଧରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସୁଚାରୁରୂପେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ବିଶେଷ କରି କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ପୂର୍ବତନ ପିସିସି ସଭାପତି ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଡଃ ରାମଚନ୍ଦ୍ର ଖୁଂଟିଆ, ଗଣେଶ୍ୱର ବେହେରା ପ୍ରମୁଖ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆରକ୍ଷୀ ଅଧିକ୍ଷକଙ୍କ ସହ ଜିଲ୍ଲା ମିଳିତ ନାଗରିକ କମିଟି ପ୍ରତିନିଧିଙ୍କ ଆଲୋଚନା

କନ୍ଧମାଳ, ୨୭/୦୮ (ନି.ପ୍ର): ଚଳିତ ମାସ ଅଗଷ୍ଟ ୫ତାରିଖରେ ଫିରିଙ୍ଗିଆ ଠାରେ ଘଟି ଯାଇଥିବା ଥାନାପୋଡି, ପୋଲିସ ଅଧିକାରୀଙ୍କୁ ଆକ୍ରମଣ ଘଟଣା ଅତୀବ ନିନ୍ଦନୀୟ। ଏ ପ୍ରକାର ଘଟଣା ଭିଆଇ ଥିବା ବ୍ୟକ୍ତିମାନଙ୍କୁ ସାଧାରଣ ଜନତା ନିନ୍ଦାବାଦ କରିଛନ୍ତି। କିନ୍ତୁ ପରବର୍ତି ସମୟରେ ପୋଲିସ ମଧ୍ୟ ଯେଉଁ ଅମାନବୀୟ ମୁକାବିଲା ମୂଳକ କାର୍ଯ୍ୟ ପ୍ରକାଶ୍ୟରେ କଲେ ତାହା ପୋଲିସ ବିଭାଗ ପ୍ରତି ନିଶ୍ଚିତ ନିନ୍ଦନୀୟ। ଆଇନକୁ ସୁରକ୍ଷା ଦେଉଥିବା ପୋଲିସ ପ୍ରତିହିଂସା ପରାୟଣ ହୋଇ ପାଣି ପିଆଇ ସଂଗଠିତ ଭାବେ ଜନତାଙ୍କୁ ମାଡଦେବା ଘଟଣା ଭାଇରାଲ ହେବା ବୁଦ୍ଧିଜୀବିମାନେ ନିନ୍ଦା କରିଛନ୍ତି। ଫିରିଙ୍ଗିଆ ଅଂଚଳରେ ସାଧାରଣ ଲୋକେ ପୋଲିସ ପ୍ରତି ଆସ୍ଥା ହରାଇବା ଭଳି ମନେହୁଏ। କନ୍ଧମାଳ ବିଭିନ୍ନ କାରଣରୁ ଏକ ସମ୍ବେଦନଶୀଳ ଜିଲା। କନ୍ଧମାଳରେ କିଛି ବର୍ଷ ପରେ ଏହିପରି ବଡ ଧରଣର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଆଗକୁ ଏହି ଘଟଣାକୁ ନେଇ ଯେଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇ ପଡ଼ିଛି ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରିଛନ୍ତି। ଘଟଣାର ପଛରେ କେଉଁମାନେ ଅଛନ୍ତି ସେମାନଙ୍କୁ ନଧରିବାରୁ କେତେକ ସରଳ ନୀରିହ ଲୋକ ଦଣ୍ଡିତ ହେଉଛନ୍ତି ବୋଲି ଆଲୋଚନା ହୋଇଛି। ବିଶେଷ କରି କନ୍ଧମାଳ ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷକୁ ଆଇନ ସମ୍ମତ କରାଯାଉ ନୋଚେତ ସଂମ୍ପୂର୍ଣ୍ଣ ବନ୍ଦ ପାଇଁ ସୁଚିନ୍ତିତ ପଦକ୍ଷେପ ନିଆଯାଉ ବୋଲି ସ୍ମାରକପତ୍ର ରେ ଉଲ୍ଲେଖ କରାଯାଇଛି। ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ବନ୍ଦ କରିବାକୁ ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ନିୟମିତ କରାଯାଉ। ନାଗରିକ କମିଟି ଦ୍ୱାରା ସାମାଜିକ ସମୀକ୍ଷା କରି ସ୍ଥିତି ଅନୁଧାନ ପୂର୍ବକ ଦୃଢ଼ ପଦକ୍ଷେପ ନିଆଯାଉ।ଏହି ଅବସରରେ ମିଳିତ ନାଗରିକ କମିଟିର ଆବାହକ ଅଶୋକ ପରିଡାଙ୍କ ସହ ସଭାପତି ଡ ଅରୂପ ଜେନା, ନବୀନ କିଶୋର ପଣ୍ଡା ନାରାୟଣ ସାହୁ, ପ୍ରମୋଦ ସାହୁ ମଧୁସୂଦନ ସାହୁ ପ୍ରଣବ ମଣ୍ଡଳ ପ୍ରମୁଖ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିଥିଲେ। ନିରପେକ୍ଷତା ଅବଲମ୍ବନ କରି ଆଇନତଃ ଉଭୟ ପକ୍ଷର ଦୋଷୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଘଟଣାର ଶାନ୍ତିପୂର୍ଣ୍ଣ ପରିସମାପ୍ତି ନିମନ୍ତେ ଆରକ୍ଷୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି।ପୋଲିସ ଜନ ସାଧାରଣ ଆସ୍ଥା ଭାଜନ ହେବାକୁ ନିୟମିତ ବ୍ୟବଧାନରେ ଆମ ପୋଲିସ ବୈଠକ ମାଧ୍ୟମରେ ପ୍ରତି ଥାନାରେ ଆଲୋଚନା ପାଇଁ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଡୁଙ୍ଗୁରିପାଲି ଜୋନ୍‌ରୁ ବୋଲେନପାଲି ଏଫ୍‌ସି ଦଳ ବିଜୟୀ

ସୋନପୁର, ୨୭/୦୮ (ନି.ପ୍ର): ଫାଇନାଲକୁ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ସିନିୟର ଫୁଟବଲ ଲିଗ ର ଡୁଙ୍ଗୁରିପାଲି ଜୋନ ଦ୍ୱିତୀୟ ଦିବସରେ ପ୍ରଥମ ମ୍ୟାଚ ଡୁଙ୍ଗୁରିପାଲି ଏଫସିଓ ବୈଦୁପାଲି ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ ଆଜିର ଏହି ମ୍ୟାଚ ରେ ବୌଦୁପାଲି ଏଫସି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏବଂ ଏଇ ଜୋନର ଆଜିର ଦ୍ୱିତୀୟ ମ୍ୟାଚ ବଡ଼କରଲେ ଏଫ ସିଓ ବୋଲେନପାଲି ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବୋଲେନପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା। ଡୁଙ୍ଗୁରିପାଲି ଜୋନ -୨ର ପ୍ରଥମ ସେମିଫାଇନାଲ ମ୍ୟାଚ ବୋଲେନପାଲି ଏଫ ସି ଓ ବୌଦୁପାଲି ଏଫ ସି ମଧ୍ୟରେ ହୋଇଥିା ବେଳେ ଏହି ମ୍ୟାଚ ରେ ବୋଲେନପାଲି ଏଫସି ୧-୦ ଗୋଲରେ ବିଜୟୀ ହୋଇଛନ୍ତି ଏବଂ ଡୁଙ୍ଗୁରିପାଲି ଜୋନରୁ ବୋଲେନପାଲି ଫାଇନାଲକୁ ଉତୀର୍ଣ୍ଣ ହୋଇଛି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ସାଧାରଣ ପରିଷଦ ବୈଠକ



ଉଦଳା , ୨୭/୦୮ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡରେ ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ସାଧାରଣ ପରିଷଦ ବୈଠକ ଆଜି ଅଗଷ୍ଟ ୨୭ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ତଥା ଉକ୍ତ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଡ଼. ଦିଲ୍ଲିପ କୁମାର ଦୀକ୍ଷିତ ବୈଠକରେ ସଭାପତିତ୍ୱ କରି ସମସ୍ତଙ୍କୁ ନିଜ ନିଜର ସୁ ଚିନ୍ତିତ ମତାମତ ଉପସ୍ଥାପନ କରିବାକୁ ନିବେଦନ କରିଥିଲେ। ଏହାପରେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୁଷଣ ପାଣିଗ୍ରାହୀ, ମହାବିଦ୍ୟାଳୟର ଗୃହ ନିର୍ମାଣ (ହଷ୍ଟେଲ) ପାଇଁ ସରକାର ଯୋଗାଇ ଦେଇଥିବା ୬ କୋଟି ଟଙ୍କାର ଅନୁଦାନ କେଉଁ ସ୍ଥାନରେ ଖର୍ଚ୍ଚ କରିବା ଏବଂ ନୂତନ ମହାବିଦ୍ୟାଳୟ ନିର୍ମାଣ କରିବା ସମ୍ପର୍କରେ ଆଲୋଚନା ଉଦେଶ୍ୟରେ ଆଜିର ବୈଠକ ବୋଲି ଅବଗତ କରାଇଥିଲେ । ପରେ ବିଧାୟକ ଭାସ୍କର ମଢ଼େଇ, ମୁଁ ସବୁ ସମୟରେ ମହାବିଦ୍ୟାଳୟର ସୁଖ ଦୁଃଖରେ ସାଥୀ ହୋଇଛି । ମୋ ଠାରୁ ମହାବିଦ୍ୟାଳୟ ଯେଉଁ ପ୍ରକାର ସେବା ଆଶା କରିବ ମୁଁ ସହଯୋଗର ହାତ ବଢ଼ାଇବାକୁ ପ୍ରସ୍ତୁତ ଅଛି ବୋଲି କହିଥିଲେ । ପରେ ମହାବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠା ସମୟରେ ଅର୍ଥର ଘୋର ଅଭାବ ଥିଲା । ସେ ସମୟରେ ଟଙ୍କା ପାଇଁ ଆମକୁ କେତେବେଳେ ଲଟେରି କରିବାକୁ ପଡୁଥିଲା ତ କେତେବେଳେ ରସିଦ ବହି ଧରି ଘରକୁ ଘର ବୁଲିବାକୁ ପଡୁଥିଲା । କିନ୍ତୁ ଆଜି ସେ ସମୟ ନାହିଁ, ଆମ ହାତରେ ଟଙ୍କା ଅଛି ଆମେ କିପରି ଖର୍ଚ୍ଚ କରିବୁ ତାର ଉପାୟ ଖୋଜୁଛୁ । ଏହିଭଳି ଏକ ଶୁଭ ଦିନର ଆଗମନକୁ ଆମେ ଅପେକ୍ଷା କରିଥିଲୁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଏକ କୋର କମିଟି ଗଠନ କରାଗଲା । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୁଷଣ ପାଣିଗ୍ରାହୀ, ପୂର୍ବତନ ଅଧକ୍ଷା ଜୟଶ୍ରୀ ଚୈଧୁରୀ ଓ ସଂଯୁକ୍ତା ବାରିକ, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବସନ୍ତ କୁମାର ପରିଡ଼ା, ପ୍ରଭାତ କୁମାର ପରିଡ଼ା, ସନ୍ତୋଷ ବାଛିନି, ପୂଣଶର୍ଣଚନ୍ଦ୍ର ବିଶ୍ୱାଳ, ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଯଜ୍ଞ ନାରାୟଣ ମହାନ୍ତି, ଡ଼. ଦିଲିପ କୁମାର ଦିକ୍ଷୀତ, ଲମ୍ବୋଦର ବେହେରା ଇତ୍ୟାଦିଙ୍କୁ ସଦସ୍ୟ ଭାବରେ ମନୋନିତ କରାଗଲା । ଆସନ୍ତା କାଲି ଅଗଷ୍ଟ ୨୮ ତାରିଖ ସୋମବାର ଦିନ ଏହି ସଦସ୍ୟ ମାନେ ମିଳିମିଶି ଉଦଳା ଠାରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ ସମୟରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବେ ଓ ମହିଳା ମହାବିଦ୍ୟାଳୟକୁ ଜମି ଯୋଗାଇ ଦେବା ସମ୍ପର୍କରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସିବିଆଇ ଅଫିସର...

ଆଉ ସିମ୍‌କାର୍ଡକୁ ଧରି ତଦନ୍ତ ଚଳାଇଥିଲା କମିଶନରେଟ୍ ପୁଲିସ୍। ଲିଙ୍କ ଖୋଜୁ ଖୋଜୁ ଲୁଟ୍‌ରେ ଶିକାର ହୋଇଥିବା ନିବାରଣଙ୍କ ଜଣେ ସମ୍ପର୍କୀୟଙ୍କ ଡ୍ରାଇଭର ବାଦଲଙ୍କ ପାଖରେ ପହଞ୍ଚିଥିଲା ପୁଲିସ୍। ବାଦଲ ମୁଖ୍ୟ ଅଭିଯୁକ୍ତ। ସମ୍ବଲପୁର ଜିଲ୍ଲା ରେଙ୍ଗାଲୀରେ ବସି ଲୁଟ୍‌ର ପୂରା ପ୍ଲାନ୍ ତିଆରି କରିଥିଲା ବାଦଲ। ତା'ପରେ ସେ ଅନ୍ୟ ୮ ଜଣଙ୍କୁ ଏଥିରେ ସାମିଲ କରାଇ ନିବାରଣଙ୍କ ଘରୁ ଲୁଟ୍ କରିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ନିବାରଣ କେଉଁଠୁ ଟଙ୍କା ଆଣିଥିଲେ? ସେ ସମ୍ପର୍କରେ ବାଦଲ ଜାଣିଲେ କେମିତି? ତାକୁ ଖୋଜିବା ଏବେ ପୁଲିସ୍ ପାଇଁ ବଡ଼ କାଠିକର ପାଠ ହେବ। କମିଶନରେଟ୍ ପୁଲିସ୍ ଏହି ଲୁଟ୍‌ରେ ସନାତନ ନାୟକ ଓରଫ ସନା, ଅର୍ବାଜନ ଖାନ ଓରଫ ବିଟୁ, ସଞ୍ଜୟ ମଲ୍ଲିକ ଓରଫ କାଳିଆ, ଆଜମୀର ଅଲ୍ଲୀ ଓରଫ ରାଜା ଓ ହେମନ୍ତ କୁମାର ଧୀରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ କୋଟିଏ ଦୁଇ ଲକ୍ଷ ନଗଦ ଟଙ୍କା, ସୁନା ଗହଣା(ସୁନା ହାର, ୪ଟି ମୁଦି ଓ ହଳେ କାନ ଫୁଲ) ଓ ଗୋଟିଏ ପିସ୍ତଲ ଜବତ କରିଛି। ତେବେ ବାକି ଟଙ୍କା ଓ ଗହଣା ଅନ୍ୟ ୪ ଅପରାଧୀଙ୍କ ପାଖରେ ଥାଇପାରେ। ସେଥିପାଇଁ ତଦନ୍ତକୁ ଆହୁରି ଜୋରଦାର କରିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି।

## ଅଧା ରହିଗଲା...

ଗୋଡ଼ ଓ ଅଚିନ୍ତଙ୍କ ହାତରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ସ୍ୱାମୀ-ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୋଗରାଇ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ତେବେ ବସ୍ତା ନିକଟରେ ଜୟଶ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଚିନ୍ତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ଥିବାରୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି।

## ସୌମ୍ୟଙ୍କ ସମ୍ପାଦକୀୟକୁ ...

ହରେଇ ଥିଲେ ମଧ ନିରବ ରହୁଛନ୍ତି ଶ୍ରୀ ପଟ୍ଟନାୟକ ଲେଖିଛନ୍ତି। ସୌମ୍ୟ ପଟ୍ଟନାୟକଙ୍କ ଲେଖାକୁ ନେଇ ବିଜେଡି ନେତା ଅନୁଭବ ପଟ୍ଟନାୟକ ସୋଶାଲ ମିଡିଆରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି, ଏହା ସୌମ୍ୟଙ୍କର ହତାଶ ଓ ନୈରାଶ୍ୟର ଭାବ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ କେଉଁ ସଭାରେ ୫-ଟି ସଚିବ କହିଥିଲେ ତା'ର ପ୍ରମାଣ ୧୨ ଘଣ୍ଟା ମଧ୍ୟରେ ନିଜର ଚ୍ୟାନେଲ କିମ୍ବା ନ୍ୟୁଜ ପେପରରେ ଲେଖିବାକୁ ଚ୍ୟାଲଞ୍ଜ ଦେଇଛନ୍ତି ଅନୁଭବ। ଯଦି ତାହାର ପ୍ରମାଣ ଦେଇଦେବେ, ତାହାହେଲେ ରାଜନୀତି ଛାଡିଦେବି ବୋଲି ଅନୁଭବ ଲେଖିଛନ୍ତି। ଯଦି ସୌମ୍ୟ ପଟ୍ଟନାୟକ ପ୍ରମାଣ ଦେଇନପାରନ୍ତି, ତେବେ ଓଡିଶାର ଲୋକେ ତାଙ୍କୁ ମିଛୁଆ ବୋଲି ଜାଣିବେ ବୋଲି ଲେଖିଛନ୍ତି। ସେପଟେ ସୌମ୍ୟରଂଜନ ପଟ୍ଟନାୟକଙ୍କ ଲେଖାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜନୈତିକ ଦଳ ନେତା। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି, ଲାଗୁଛି ସୌମ୍ୟ ବାବୁ ଠିକ ବାଟରେ ବିଜୁ ଜନତା ଦଳକୁ ନେବାକୁ ଚାହୁଁଛନ୍ତି। ସେ ଜଣେ ବରିଷ୍ଠ ବିଧାୟକ, ବହୁ ଅଭିଜ୍ଞ ଲୋକ। ବହୁତ କିଛି ଜାଣନ୍ତି। ସରକାରୀ ଟଙ୍କା ଖର୍ଚ୍ଚ କରାଇ, ସରକାରୀ କଳକୁ ବ୍ୟବହାର କରି ସଚିବସ୍ତରର କର୍ମଚାରୀ ନିଜକୁ ଲଞ୍ଚ କରୁଛନ୍ତି। ତେଣୁ ସାଢ଼େ ଚାରି କୋଟି ଲୋକ ତାହା ବୁଝି ସାରିଲେଣି ବୋଲି କହିଛନ୍ତି ଅପରାଜିତା।

## ଲୋହାର୍ଗଲ ସୂର୍ଯ୍ୟମନ୍ଦିର ....

ଲୋହାର୍ଗଲ ଧାମରେ ଥିବା ଶ୍ରୀ ସୂର୍ଯ୍ୟମନ୍ଦିର ଦର୍ଶନ କରି ମୁଁ ଧନ୍ୟ ହୋଇଗଲି । ଭଗବାନ ସୂର୍ଯ୍ୟଦେବ ସମସ୍ତ ଲୋକର ଉର୍ଜାର ସ୍ରୋତ ଅଟନ୍ତି । ଜୀବନର ଆଧାର, ଜଗତ ପ୍ରକାଶର ସ୍ତମ୍ଭ ଅଟନ୍ତି । ସମସ୍ତେ ପ୍ରସନ୍ନ ରୁହନ୍ତୁ, ସମ୍ପନ୍ନ ରୁହନ୍ତୁ, ଉର୍ଜାବାନ ହୁଅନ୍ତୁ, ଦେଶର ପ୍ରତିଦିନ ନୂଆ କୀର୍ତ୍ତି ସୃଷ୍ଟି ହେଉ । ଏହାହିଁ ସୂର୍ଯ୍ୟଦେବଙ୍କ ନିକଟରେ ପ୍ରାର୍ଥନା ବୋଲି ଟ୍ୱିଟ କରିଛନ୍ତି ଧନଖଡ ।

# ଜିଲ୍ଲାସ୍ତରୀୟ ଆଇନ ଶିକ୍ଷା ଉତ୍ସବ ପାଳନ

ମାଲକାନଗିରି, ୨୭/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ରବିବାର ଦିନ ଏକ ଆଇନ ଶିକ୍ଷା ଉତ୍ସବ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲା ବିଚାରପତି ତଥା ଆଇନି ସେବା ପ୍ରାଧିକରଣର ଅଧକ୍ଷ। ଅଯନ୍ତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତାଙ୍କ ସହ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ବିଚାରପତି ବବିତା ଦାସ, ଉପଖଣ୍ଡିୟ ସ୍ତରୀୟ ଦଣ୍ଡଧିକାରୀ ରୁଦ୍ର ପ୍ରକାଶ ନାୟକ, ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ର ନାଥ ବାଘ, ଜିଲ୍ଲା ଓକିଲ ସଂଘ ସଭାପତି ଲମ୍ବୋଧର ତୁରୁକୁ, ଜିଲା ଓକିଲ ସଂଘ ସମ୍ପାଦକ ନୃସିଂହ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଥିବା ଆଇନି ଶିକ୍ଷା କ୍ଲବ ଗୁଡ଼ିକର ଶିକ୍ଷାର୍ଥୀ ମାନଙ୍କୁ ନେଇ ସ୍କିଟ, ଚିତ୍ରାଙ୍କନ, ତର୍କ ଓ ରଚନା ମାଧମରେ ଆଇନି ସଚେତନତା କରାଇବା। ଏଥିରେ ଜିଲ୍ଲାର ୨୮ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତି ସୁନ୍ଦର ଭାବରେ ସ୍କିଟ ପ୍ରତିଯୋଗିତାରେ ଭାଗ ନେଇ ନାଟକ ମାଧମରେ ସମାଜରେ ଚାଲିଥିବା କୁ-ପ୍ରଥା, ବାଲ୍ୟ ବିବାହ, ଘରୋଇ ହିଂସା, ବରିଷ୍ଠ ନାଗରିକ ଆଇନ, ଯୌତୁକ ପ୍ରଥା ଇତ୍ୟାଦି ସଚେତନତାମୂଳକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାରିପଦାରେ 'କଫି ବ୍ରେକ ଶନିବାର'ର ଶୁଭାରମ୍ଭ



ବାରିପଦା, ୨୭/୦୮ (ନି.ପ୍ର): ଅଧ୍ୟୟନରତ ଛାତ୍ର-ଛାତ୍ରୀଙ୍କ ମନରେ ଉଦ୍ୟମିତାର ଭାବ ଉତ୍ପନ୍ନ କରିବା ଲକ୍ଷ୍ୟ ନେଇ ବାରିପଦାସ୍ଥିତ ଶ୍ରୀ ରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଇନକ୍ୟୁବେସନ କେନ୍ଦ୍ର ଆନୁକୁଲ୍ୟରେ ୨୬ ଅଗଷ୍ଟ ଶନିବାର ଅପରାହ୍ନରେ ଇନକ୍ୟୁବେସନ କେନ୍ଦ୍ର ରେ 'କଫି ବ୍ରେକ ଶନିବାର' ର 'ବାରିପଦା ସଂସ୍କରଣ' ଶୁଭାରମ୍ଭ ହୋଇଯାଇଛି । ଏଥିରେ ଇନକ୍ୟୁବେସନ କେନ୍ଦ୍ର ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ସୌମ୍ୟରଂଜନ ମିଶ୍ର ଅଧକ୍ଷତା କରିଥିଲେ ତଥା ଏହି କାର୍ଯ୍ୟକ୍ରମ ର ପ୍ରତିଷ୍ଠାତା 'ମାଇଁ ଷ୍ଟାର୍ଟ ଅପ ଯାତ୍ରା' ତରଫରୁ ଯୁବ ଉଦ୍ୟୋଗୀ ପିତାମ୍ବର ସାହୁ ଅତିଥି ଭାବେ ଯୋଗ ଦେଇ ଛାତ୍ର-ଛାତ୍ରୀଙ୍କ ସହିତ ସେମାନଙ୍କର ନବପ୍ରବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ ଓ ସେମାନେ କିପରି ନିଜର ଷ୍ଟାର୍ଟ ଅପ କୁ ପ୍ରତିଷ୍ଠା କରିପାରିବେ ସେ ବିଷୟରେ ସେମାନଙ୍କୁ ପଥ ପ୍ରଦର୍ଶନ କରି ଥିଲେ । ବିଶ୍ୱବିଦ୍ୟାଳୟ ର ବିଭିନ୍ନ ବିଭାଗ ଯେପରିକି ଏମସିଏ, କମ୍ପ୍ୟୁଟର ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଯୋଗ ଓ ନେଚୁରୋପାଥି ର ପ୍ରାୟ ୧୫ ଜଣ ଅଧ୍ୟୟନରତ ତଥା ପୁରାତନ ଛାତ୍ର-ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆଗକୁ ଏହି କାର୍ଯ୍ୟକ୍ରମ ବ୍ୟାପକ ସ୍ତରରେ ଅନୁଷ୍ଠିତ କରିବାର ଯୋଜନା ଥିବା ଇନକ୍ୟୁବେସନ କେନ୍ଦ୍ର ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଇନଷ୍ଟାକ୍ରିଏଟିଭସ ର ନିର୍ଦ୍ଦେଶକ ଇଂ ସୌମ୍ୟରଂଜନ ମିଶ୍ର ଙ୍କ ଠାରୁ ପ୍ରକାଶ ।

# ମହିଳା କଂଗ୍ରେସ ସମ୍ମିଳନୀ: ଜଳେଶ୍ୱରକୁ ନିଶା କବଳରୁ ମୁକ୍ତ ଲାଗି ଆହ୍ୱାନ




ଜଳେଶ୍ୱର , ୨୭/୦୮ (ନି.ପ୍ର): ଜଳେଶ୍ୱର ଓ ନିକଟ ବର୍ତ୍ତୀ ଅଂଚଳ ଗୁଡିକରେ ମଦ, ବ୍ରାଉନସୁଗାର ଇତ୍ୟାଦି ସେବନ କରୁ ଥିବାରୁ ବହୁ ପରିବାର ଉଜୁଡି ଯାଉଛି । ଯୁବକମାନେ ଉଦ୍‌ଭ୍ରାନ୍ତ ହୋଇ ବିପଥଗାମୀ ହେଉଛନ୍ତି । କେତେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି । ଏଥିପାଇଁ ଆଜି ଜଳେଶ୍ୱର ଅଂଚଳର ୨୧ଟି ପଂଚାୟତରୁ ମହିଳାମାନେ ମେଳି କରି ଆସି ୬୦ନଂ ଜାତୀୟ ରାଜପଥର ଖୁସିପ୍ଲାଜା ସମ୍ମିଳନୀ କକ୍ଷରେ ଏକ ପ୍ରତିଜ୍ଞା ସଭା ଆୟୋଜନ କରିଥିଲେ । ଏଥିରେ ରାଧାରାଣୀ ପାତ୍ର ଅଧ୍ୟକ୍ଷତା କରି ବାସ୍ତବ ଚିତ୍ର ଉପସ୍ଥାପନ କରିଥିଲେ । ନିଶା ସହିତ ମହିଳାଙ୍କୁ ନିର୍ଯ୍ୟାତନ, ମିଶନଶକ୍ତି ନାମରେ ପ୍ରତାରଣା, ଦରଦାମ ବୃଦ୍ଧି, ଜୀବିକା ମିଶନ ଓ ମିଶନ ଶକ୍ତିରେ ଦୁର୍ନିତୀ ବିରୋଧରେ ଆନ୍ଦୋଳନ ଗଢିତୋଳିବାକୁ କଂଗ୍ରେସ ନେତା ସୁଦର୍ଶନ ଦାସ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ମଧୁସ୍ମିତା ବେହେରା, ତପନୀ ଭୂୟାଁ, କାଉନସିଲର ରଶ୍ମିତା ନନ୍ଦି, ଜୟଶ୍ରୀ ଜେନା, କାଦମ୍ବିନୀ ରାୟ, ଆଶାଲତା ଜେନା, ଅଂଜଳୀ ଦାସ, ଅଂଜଳି ନାୟକ, ଅଂଜୁରାଣୀ ପ୍ରଧାନ, ରୁନାରାଣୀ ସି, ଜିତାରାଣୀ ଗିରି ପ୍ରମୁଖ ଆଗାମି ଦିନରେ ମହିଳା କଂଗ୍ରେସକୁ ଶକ୍ତିଶାଳି କରାଯିବା ସଂପର୍କରେ ନିଶା ଦମନ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ ଆନ୍ଦୋଳନ ଲାଗି ଆହ୍ୱାନ ଦିଆଯାଇଛି । ବ୍ଲକ ସଭାପତି ରାଜୀବ ପରିଡା, ଟାଉନ ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ଜିଲା ସଂପାଦକ ହେମନ୍ତ ଗିରି, ଜଗଦୀଶ ନନ୍ଦି, ପଦ୍ମଲୋଚନ ବେହେରା, ତ୍ରିଲୋଚନ ଦାସ, ସପନ ରାଉତ, ଗୋପାଳ କୃଷ୍ଣ ଜେନା ପ୍ରମୁଖ ଆଗାମୀ ଦିନରେ କଂଗ୍ରେସକୁ ମଜବୁତ କରିବାଲାଗି ଶପଥ ନେଇଥିଲେ ।

# ଖୋର୍ଦ୍ଧା ରାଜାଙ୍କ ଗଡ ଅବହେଳିତ

ଖୋର୍ଦ୍ଧା, ୨୭/୦୮ (ନି.ପ୍ର): ଖୋର୍ଦ୍ଧା ରାଜାଙ୍କ ଗଡ ଅବହେଳିତ ହୋଇ ପଡ଼ିଛି। ଏବେ ଖୋର୍ଦ୍ଧା କୁ ୫ ଟି ସଚିବ ଭି,କେ ପାଣ୍ଡିଆନ, ଆସି ହାବେଳି ପଡ଼ିଆରେ ଜନ ଅଭିଯୋଗ ଶୁଣା ଣି କରିଥିବା ବେଳେ ଖୋର୍ଦ୍ଧା ପାଇକ ପୁଅ ନରେନ୍ଦ୍ର ପୃଷ୍ଟି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଅଭିଯୋଗ ପତ୍ର ଦେଇଥିଲେ। ଖୋର୍ଦ୍ଧା ପାଇକ ପୁଅ ଡିଡିମ ପୀଟୁଥିବା ଦୁଇ ସଂଘ କିଏ ଏହି ଗଡର ଉନ୍ନତି ପାଇଁ ସେତେ ଅନୁକମ୍ପା ଦେଖାଉ ନାହାନ୍ତି। ଖୋର୍ଦ୍ଧା ରାଜା ପୁରୀରେ ଏବେ ରହୁଛନ୍ତି। ତାଙ୍କ ପୂର୍ବ ବଂଶଧର ଏହି ଖୋର୍ଦ୍ଧା ଗଡରେ ରହୁଥିଲେ ଶୁଣା ଯାଏଓ ଇତିହାସ କୁହେ।ବ୍ରିଟିଶ ସରକାର ଖୋର୍ଦ୍ଧା ଗଡକୁ ନଷ୍ଟ କରିଦେବାରୁ ଏହା କାଳକ୍ରମେ ଭାଙ୍ଗି ରୁଜି ନଷ୍ଟ ହେବା ସଂଗେ ବଣ ଜଙ୍ଗଲ ପରିଣତ ହୋଇ, ଏବେ ସୁଦ୍ଧା ପଡ଼ିଅଛି। ଯଦି ପାଇକ ସଂଘ ସବୁ ଗୋଷ୍ଠି ମିଶି ଉର୍ଣତି ଚାହାନ୍ତି ସଫଳ ହୁଅନ୍ତା । ସବୁ ଗୋଷ୍ଠି ସେପରି ଆଗ୍ରହ ଦେଖାନ୍ତି ନାହିଁ। ଖୋର୍ଦ୍ଧା ସ୍ଥାୟୀ ବାସିନ୍ଦା ପୃଷ୍ଟି ପ୍ରମୁଖ ଖୋର୍ଦ୍ଧା କେଉଁଠି କଣ୍ ହେବ କିଛି ତାର ନେତୃତ୍ୱ ନିଅନ୍ତି। ଖୋର୍ଦ୍ଧା ସାସନ୍ଦ ଓ ଖୋର୍ଦ୍ଧା ଜିଲ୍ଲା ବିଧାୟକ ମାନଙ୍କ ପାଖେ ଯାଇ ଦୃଷ୍ଟି ଆକର୍ଷଣ କରନ୍ତି। ତାଙ୍କ ନେତୃତ୍ୱରେ ଖୋର୍ଦ୍ଧା ବାଟ ମଙ୍ଗଳା ବାୟୀ ପାସ ଶଙ୍ଖ ନିଚାକୁ ପୁଣୀ ଉଚ୍ଚା କରାଗଲା। ଘଣ୍ଟା କମ୍ପାନୀ , ଗଡ଼ ଖୋର୍ଦ୍ଧା ଓଭର ବ୍ରୀଜି କରା ଯାଇ ଶେଷ ହେବା ଉପରେ। ଏହି କାମପାଇଁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାକ ଓ ବେଗୁନିଆ ବୋଲଗଡ ବିଧାୟକ ଯଥାକ୍ରମେ ଜିତେନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର ସାହୁ ଶାସକ ଦଳ ଓ ପୃଷ୍ଟି ବାବୁଙ୍କୁ ଭଲ ପାଉଥିବା ବୁଦ୍ଧି ଯିବି ଏକ ଯୁଟ ହୋଇ ଦାବି କରନ୍ତି। ନିକଟରେ ଉଠା ଦୋକାନୀ ଥଇଥାନ ପାଇଁ ଏକ ପ୍ରତିବାଦ ଶୋଭା ଯାତ୍ରା ପୃଷ୍ଟି ବାବୁ କରୁଥିଲେ। ଏହି ଶୋଭା ଯାତ୍ରା ରେ ସବୁ ଉଠା ଦୋକାନୀ ଓ ଜଣେ ଖୋର୍ଦ୍ଧା ସାମ୍ବାଦିକ ଅଂଶ ଗ୍ରହଣ କରିଥିଲେ ।ଉପ ଜିଲ୍ଲାପାଳ, ପୌର ନିର୍ବାହୀ ଅଧିକରୀଙ୍କୁ ଏକ ଦାବି ପତ୍ର ଦେଇଥିଲେ। ଏବେ ସେମାନଙ୍କ ପାଇଁ ସେଡେ କାମ ଚାଲିଛି, ଟିଏଲସି ରୋଡ କଡ଼ରେ। ଆଉ ପାଇକ ବିଦ୍ରୋହ ସ୍ମୃତି ଫଳକ ପାଇଁ ନରେନ୍ଦ୍ର ପୃଷ୍ଟୀ ଆବାହକ ରେ , ଆମ ପୁର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ, ପ୍ରକାଶ ଶ୍ରୀଚନ୍ଦନ, ଅନ୍ୟ ପାଇକ ପୁଅ ବହୁବାର ଆନ୍ଦୋଳନ କରି ଥିଲେ। ଯାହା ଫଳରେ ପ୍ରାୟ ଦଶ ଏକର ଜାଗା ଆମ ଲୋକ ପ୍ରିୟ ସରକାର ବରୁଣାଇ ତଳେ ଜାଗା ଦେଇଅଛନ୍ତୀ। କେନ୍ଦ୍ର ସରକାର ବହୁ କୋଟି ଦେଇଥିବାର ଶୁଣା ଯାଏ। ଏବେ ଖୋର୍ଦ୍ଧା ଗଡ଼ ନବେକଳେର ବର୍ କରିବା ପାଇଁ ଗଲା ତା ୨୩,୮,୦୨୩ ରିଖ ଖୋର୍ଦ୍ଧା ପୃଷ୍ଟି ବାବୁ,ସଢୋଟ, ଯୁବ, ଦକ୍ଷ ,ଜିଲ୍ଲା ପାଳ କେ ,ସୁଦର୍ଶନ ଚକ୍ରବର୍ତ୍ତୀ , ସଂସ୍କୃତି ଅଧିକାରୀ ଅରବିନ୍ଦ ରାୟ ଙ୍କୁ ସଙ୍ଗରେ ନେଇ ଖୋର୍ଦ୍ଧା ଗଡ ଦେଖାଇ ଅଛନ୍ତି। ତାଙ୍କ ଉଦ୍ୟମ ଫଳ ପ୍ରଦ ହେବା ଶୁଣାଯାଏ। ଓଡିଶା ସରକାର ୫ ଟି ସଚିବ ଏହି ଦୁର୍ଗ ପାଇଁ ଆଗ୍ରହ ଦେଖାଇ ଅଛନ୍ତି ବୋଲି ବିଶେଷ ସୂତ୍ରରୁ ଶୁଣା ଯାଉଅଛି। ଆଶା ଓ ବିଶ୍ୱାସ ଶୀଘ୍ର କାର୍ଯ୍ୟ କାରୀ ହେବ।

# ଇନ୍‌ଟାକ୍ ତରଫରୁ ପ୍ରାଚୀନ କଳା ଓ ଭାସ୍କର୍ଯ୍ୟର ଉତ୍‌ଥାନ ନିମନ୍ତେ କର୍ମଶାଳା




ବାଲେଶ୍ୱର, ୨୭/୦୮ (ନି.ପ୍ର): ବିଲୁପ୍ତପ୍ରାୟ ଆମର ପ୍ରାଚୀନ କଳା ଓ ଭାସ୍କର୍ଯ୍ୟର ପୁନରୁଦ୍ଧାର ନିମନ୍ତେ ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟର ତରଫରୁ 'କଳାକ୍ଷେତ୍ର'ରେ ଏକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆମର ଭବିଷ୍ୟତ ବଂଶଧରଙ୍କ ସଚେତନତା ଓ ତାଙ୍କ ମଧରେ ଉତ୍ସାହ ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମର ଅଭିପ୍ରାୟ। ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ଏହି କର୍ମଶାଳାରେ ବାଲେଶ୍ୱର ସ୍ଥିତ ୧୨ଟି ବିଦ୍ୟାଳୟର ୪୯ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଆଦିବାସୀ ସଂସ୍କୃତିର ପଟ୍ଟଚିତ୍ରମାନ ଅଙ୍କନ କରିଥିଲେ। ଏ ସମ୍ବନ୍ଧରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ କଳାକ୍ଷେତ୍ରର ଶିକ୍ଷକ ଶ୍ରୀ ଆକାଶ ବାଲ୍ମିକୀ ଏବଂ ଶିକ୍ଷୟିତ୍ରୀ ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା। ଏହି ଅଙ୍କିତ ପଟ୍ଟଚିତ୍ର ମଧରୁ ଶ୍ରେଷ୍ଠ ୩ଟି ଚିତ୍ର ଇନ୍‌ଟାକ୍‌ର ମୁଖ୍ୟାଳୟ ନୂଆଦିଲ୍ଲୀକୁ ପଠାଇ ଦିଆଯାଇ ଉତ୍କୃଷ୍ଟମାନର ୧ମ, ୨ୟ ଓ ୩ୟ ଭାବେ ବିବେଚନା ପରେ ଏହି ପ୍ରତିଯୋଗୀମାନଙ୍କୁ ସଂସ୍ଥା ତରଫରୁ ପୁରସ୍କୃତ କରାଯିବ। ଗତ ୨ଦିନ ୨୬ ଓ ୨୭-୦୮-୨୦୨୩ ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରତିଯୋଗୀମାନଙ୍କୁ ଶେଷଦିନରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ୨ଦିନର ଏହି କର୍ମଶାଳାର ପ୍ରଥମ ଦିବସରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ ସମାଜ ବାଲେଶ୍ୱର ସଂସ୍କରଣ ମୁଖ୍ୟ ଶ୍ରୀ ମଧୁସୂଦନ ଦାସ। ବାଲେଶ୍ୱର ଇନ୍‌ଟାକ୍ ଚାପଟର୍ ମୁଖ୍ୟ ପୁରୋଧା କନ୍‌ଭେନର୍ ଶ୍ରୀ ଉଦୟ ରଞ୍ଜନ ଦାସ, ସହ କନଭେନର ଶ୍ରୀ ନିକୁଞ୍ଜ ବିହାରୀ ଦାସ ଓ ଶ୍ରୀ ଅର୍ଚ୍ଚନା ନନ୍ଦୀ ଏହି ମହତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାକୁ ସୁପ୍ତରୁ ଜାଗ୍ରତ ଅବସ୍ଥାରେ ପରିଣତ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ। ଇନ୍‌ଟାକ୍‌ର ଅନ୍ୟତମ ସଭ୍ୟମାନଙ୍କ ମଧ୍ୟରୁ ଶ୍ରୀ ସତ୍ୟନାରାୟଣ ନନ୍ଦ, ଭାବଗ୍ରାହୀ ମହାନ୍ତି, ଅଖିଳ କୁମାର ଦାସ, ଯଶୋଦା ନନ୍ଦନ ଆଶ୍, ଦେବାଶିଷ ମିଶ୍ର, ଶିତିକଣ୍ଠ ଦିକ୍ଷିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ।

# ସେପ୍ଟେମ୍ବର ୩ରେ ସାମାଜିକ ନ୍ୟାୟ ଅଭିଯାନର ଜିଲ୍ଲା ସମ୍ମିଳନୀ




ବାରିପଦା, ୨୭/୦୮ (ନି.ପ୍ର): ଆଗାମୀ ସେପଟେମ୍ବର ୩ ତାରିଖ ଦିନ ବାରିପଦାର ଶହିଦ ସ୍ମୃତି ଭବନରେ ସାମାଜିକ ନ୍ୟାୟ ଅଭିଯାନ ତରଫରୁ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ ଏବଂ ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପଶ୍ଚିମବଙ୍ଗର ମନ୍ତ୍ରୀ ଶ୍ରୀକାନ୍ତ ମାହାତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ଯାଦବ, ଜେଡିୟୁର ସାଧାରଣ ସମ୍ପାଦକ ଗିରିଧର ଯାଦବ, ବରିଷ୍ଠ ସାମ୍ବାଦିକ ଶ୍ରୀ ରବି ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସମାଜବାଦୀ ପାର୍ଟିର ଓଡିଶା ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଯୋଗ ଦେବେବୋଲି ଜଣାଯାଇଛି। ସମ୍ମିଳନୀରେ ମୁଖ୍ୟତଃ ଓବିସିଙ୍କୁ ଶିକ୍ଷା ଓ ଚାକିରିରେ ୨୭% ଏବଂ ଏସଟି ଓ ଏସସିଙ୍କୁ ଶିକ୍ଷାରେ ୪୦% ସଂରକ୍ଷଣ ପ୍ରଦାନ, ଜିଲ୍ଲାର ପଟ୍ଟାବିହୀନ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ, ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା, ଜିଲ୍ଲାର ବିକାଶ ପାଇଁ ଶିଳ୍ପାୟନ, ପର୍ଯ୍ୟଟନ ଓ କୃଷିର ଉନ୍ନତି ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରାଯିବା ଉପରେ ଆଲୋଚନା ହେବ ବୋଲି ଜଣାଯାଇଛି। ଏବାବଦରେ ଆଜି ଏକ ପ୍ରସ୍ତୁତି ବୈଠକ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ଅଧ୍ୟାପକ ଗୋପବନ୍ଧୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରସ୍ତୁତି ବୈଠକରେ ସାମାଜିକ ନ୍ୟାୟ ଅଭିଯାନର ରାଜ୍ୟ ଆବାହକ ଅକ୍ଷୟ କୁମାର ମଲ୍ଲିକ, ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପଟ୍ଟା ବିହୀନ ବସ୍ତି ବାସିନ୍ଦା ସଙ୍ଘର ସଭାପତି ନନ୍ଦ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ, ଯୁଗ୍ମ ଆବାହକ ରାକେଶ ସିଂ ସାଙ୍ଗଠନିକ ରୂପରେଖ ଉପସ୍ଥାପନ କରିଥିଲେ। ଆଡଭୋକେଟ ବସନ୍ତ ମହାନ୍ତ, କହ୍ନୁ ବେହେରା, କ୍ଷେତ୍ରମୋହନ, ବୈଦନାଥ ମହାନ୍ତ, ଭବନୀ ଶଙ୍କର ସାହୁ, ପଦ୍ମଲୋଚନ ମହାନ୍ତ, ମହେଶ୍ୱର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃପାସିନ୍ଧୁ ମହାନ୍ତ ଧନ୍ୟବାଦ ଦେଇଥିଲେ ।

# ବନଭୂମି ମହାବିଦ୍ୟାଳୟରେ ରକ୍ତଦାନ ଶିବିର: ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ

ବାରିପଦା , ୨୭/୦୮ (ନି.ପ୍ର): ଆଜି ରଙ୍ଗମାଟିଆ ସ୍ଥିତ ବନଭୂମି ମହାବିଦ୍ୟାଳୟରେ ଓଡିଶା ମୋ ପରିବାର, ଜୀବନ ବିନ୍ଦୁ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସହଯୋଗରେ ଆୟୋଜିତ ଏକ ରକ୍ତଦାନ ଶିବିର ରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ରାଜ୍ୟ



ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ୍ୟ ଡ. ଦେବାଶିଷ ମାର୍ଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ ଜିଲ୍ଲାପରିଷଦ ସଭ୍ୟ ମଧୁସୂଦନ ସିଂ, ଶାମାଖୁଣ୍ଟା ବ୍ଲକ ଚେୟାରମ୍ୟାନ ଚନ୍ଦ୍ରମୋହନ ସିଂ, ସରପଞ୍ଚ ରୋହିଦାସ ସିଂ, ସାମାଜସେବୀ ବିଲକାନ ପ୍ରଭୁଦୟାଲ ନାଗ, ଜୀବନବିନ୍ଦୁ କୋଅର୍ଡିନେଟର ଦେବାଶିଷ ମହାନ୍ତି, ସମାଜ ସେବୀ ଅମର ସେଠୀ, ଯୁବନେତା ଆଶୀର୍ବାଦ ଦାସ, ରଜନୀକାନ୍ତ ମହାନ୍ତ ଛାତ୍ର ସଭାପତି ସୁନୀଲ ନାୟକ, ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର +୩ ଅଧକ୍ଷ ହରିଶଚନ୍ଦ୍ର ମହାନ୍ତ ଓ +୨ ଅଧକ୍ଷ ଜିତାଂଶୁ କୁମାର ଦାସଙ୍କ ତତ୍ତ୍ୱାବଧାନରେ ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଭୋଳାନାଥ ସିଂ, ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଛାତ୍ର ମହାଦେବ ସିଂ, ଲଛମନ ସିଂ, ଲିପକ ମହାନ୍ତ, ସୁବ୍ରତ କୁମାର ସିଂ, ଦୀପକ କୁମାର ମହାନ୍ତ, ରବିନ୍ଦ୍ର କୁମାର ସିଂ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କୁକୁର କାମୁଡ଼ାରେ ବାପାଙ୍କ ମୃତ୍ୟୁ ପରେ ଏକ ମାତ୍ର ଶିଶୁପୁତ୍ରର ସର୍ପାଘାତରେ ପ୍ରାଣହାନି

ବସ୍ତା, ୨୭/୦୮ (ନି.ପ୍ର): ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଛୟାଳିଆ ଗାଁର ସ୍ୱର୍ଗତ ଲଛମନ ମାଝୀଙ୍କ ଶିଶୁପୁତ୍ର ସୁରେନ୍ଦ୍ର (୫ ବର୍ଷ)ର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଛି ।ଗତ କାଲି ତା'ର ସାଙ୍ଗ ମାନଙ୍କ ସହ ଆଲି ଖେଳ ଚାଲି ଥିବା ବେଳେ ଆଲିଟି ଗୋଟିଏ ଗାତ ଭିତରକୁ ଚାଲି ଯାଇଥିଲା ।ସେ ଆଲି ଟିକୁ ଆଣିବାକୁ ଯାଇ ଗାତ ଭିତରେ ହାତ ପୁରେଇ ବା । କ୍ଷଣି ଗାତରେ ଥିବା ଏକ ବିଷଧର ସାପ ତାକୁ କାମୁଡି ଦେଇଥିଲା । ଦେହରେ ବିଷ ସଞ୍ଚରି ଯାଇ ପିଲାଟି କିଛି ସମୟପରେ ଜୀବନ ହରାଇଥିଲା । ତାକୁ ବସ୍ତା ଡାକ୍ତରଖାନା ଅଣା ଯାଇଥିଲେ ମଧ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।ଏ ସଂକ୍ରାନ୍ତରେ ସିଂଲା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଜି ଶବ ବ୍ୟବଚ୍ଛେଦ କରାଇଛି ।ପ୍ରକାଶ ଥାଉ କି ବର୍ଷକ ତଳେ ଏହି ପିଲାର ବାପା କୁକୁର କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ବେଳେ ପରିବାର ରେ କେବଳ ବିଧବା ସ୍ତ୍ରୀ ରହିଛି ।ଏଭଳି ଶୋକାକୁଳ ପରିସ୍ଥିତିରେ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତା

ଭଦ୍ରକ, ୨୭/୦୮ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଭଦ୍ରକ ତରଫରୁ ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ପର୍ବରେ ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକାରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ଅଧକ୍ଷତା କରିଥିଲେ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ନେହା ଅଗ୍ରଓ୍ୱାଲ ଏହାକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତା ପର୍ବରେ ଜିଲ୍ଲା ଜଜ୍‌କୋର୍ଟର ସମସ୍ତ ବିଚାରପତି ବୃନ୍ଦ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତା ପର୍ବରେ ରଚନା, ବକ୍ତୃତା, ଚିତ୍ରାଙ୍କନ ଏବଂ କ୍ଷୁଦ୍ରଗଳ୍ପରେ ଅଭିନୟ କରି କୃତି ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରୁ ଜୋନାଲ ପର୍ଯ୍ୟାୟକୁ ଉତ୍ତିର୍ଣ୍ଣ ହୋଇଥିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସେମାନଙ୍କୁ ଆହୁରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବା ମୂଳ ଲକ୍ଷ୍ୟ । ସମସ୍ତ ବିଚାରପତି ବୃନ୍ଦ ସମସ୍ତ ପ୍ରତିଯୋଗୀମାନଙ୍କୁ ଜୀବନରେ ଭଲ



ମଣିଷ ହେବା ସହିତ ସମାଜରେ ଚାଲିଥିବା ଅନ୍ଧବିଶ୍ୱାସ, କୁସଂସ୍କାରକୁ ହଟାଇବା ପାଇଁ ଆହ୍ୱାନ କରିଥିଲେ । ଏହି ପ୍ରତିଯୋଗିତା ପର୍ବରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସମସ୍ତ ସଦସ୍ୟ, ପି.ଏଲ.ଭି. ପ୍ୟାନେଲ ଓକିଲ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭିନ୍ନକ୍ଷମ ବିଦ୍ୟାଳୟକୁ ଭୁଲିଗଲେ ଫାଇବ-ଟି ସଚିବ

ଉଦଳା, ୨୭/୦୮ (ନି.ପ୍ର): ଉଦଳା ସହର ମଧରେ ରହିଛି ଭାରତଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ । ଏହି ବିଦ୍ୟାଳୟରେ ମୟୂରଭଂଜ ସମେତ ବାଲେଶ୍ୱର ଓ କେଉଁଝର ଜିଲ୍ଲାର ଭିନ୍ନକ୍ଷମ ପିଲାମାନେ ପାଠ ପଢ଼ିଥାନ୍ତି । ଦିର୍ଘ ବର୍ଷ ଧରି ଏହି ବିଦ୍ୟାଳୟଟି ଉଦଳାରେ ଚାଲୁଥିଲେ ମଧ ଏ ପର୍ଯ୍ୟନ୍ତ ସେହିଭଳି ଆଖିଦୃଶିଆ କିଛି ସରକାରୀ ଅନୁଦାନ ଉକ୍ତ ବିଦ୍ୟାଳୟକୁ ମିଳିନାହିଁ । ଏପରିକି ବିଦ୍ୟାଳୟ ନାମରେ ଜମି ନଥିବାରୁ ବର୍ଷ ବର୍ଷ ଧରି ବିଦ୍ୟାଳୟଟି ଏକ ଭଡ଼ାଘରେ ଚାଲିଛି । ଜମିଟିଏ ସରକାର ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ ମଧ ଏହା କେବଳ ଘୋଷଣାରେ ରହିଯାଇଛି । ନିକଟରେ ଫାଇବ-ଟି ସଚିବଙ୍କ ଉଦଳା ଗସ୍ତ ସମୟରେ ନିଶ୍ଚୟ ଏହି ବିଦ୍ୟାଳୟ ପାଇଁ କିଛି ଅନୁଦାନ ଘୋଷଣା ହେବ ବୋଲି ଆଶା କରାଯାଇଥିଲା । କିନ୍ତୁ ଉକ୍ତ ବିଦ୍ୟାଳୟ ପାଇଁ ଫାଇବ-ଟି ସଚିବ ଟଙ୍କାଟିଏ ବି ଅନୁଦାନ ଘୋଷଣା କଲେ ନାହିଁ । ଏହା ବର୍ତ୍ତମାନ ଉଦଳା ସହରରେ ଏକ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ତାହାଛଡ଼ା ଏହି ବିଦ୍ୟାଳୟଟି ପାଇଁ ଆଜି ଉଦଳାର ନାମ ଦିଲ୍ଲିରେ ଚର୍ଚ୍ଚା ହୋଇଥାଏ ବୋଲି କେତେକ ମତ ଦେଇଛନ୍ତି । ଫାଇବ-ଟି ସଚିବ ଶ୍ରୀଯୁକ୍ତ ପାଣ୍ଡିଆନ ଉକ୍ତ ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେବେ ବୋଲି ସାଧାରଣରେ ଦାବି ହୋଇଛି ।



# ୟୁଜେଏର ଜିଲ୍ଲା କାର୍ଯ୍ୟାଳୟ ଉଦଘାଟନ ସହ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ବାଲେଶ୍ୱର, ୨୭/୦୮ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟର ଶୁଭ ଉଦଘାଟନ ସହ ଜିଲ୍ଲା ଶାଖାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଜିଲ୍ଲା ସଭାପତି ଲୋକନାଥ ଦଳେଇ ଅଧକ୍ଷତା କରିଥିଲେ ।ସାମ୍ବାଦିକ ଗଗନ କୁମାର ସେଠୀ ଓ ସାମ୍ବାଦିକା ଜୟଶ୍ରୀ ଦାସ ମିଳିତ ଭାବେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ।କାର୍ଯ୍ୟକାରୀ ସମ୍ପାଦକ ତ୍ରିଲୋଚନ ଉପାଧ୍ୟାୟ ବିବରଣୀ ପାଠ କରିଥିଲେ ।ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗଦେଇ ବକ୍ତବ୍ୟରେ କହିଲେ ଓଡ଼ିଆ ସାମ୍ବାଦିକତା ଜଗତ ପାଇଁ ବାଲେଶ୍ୱର ହେଉଛି ଏକ୍ତୁଡ଼ିଶାଳ । ସାମ୍ବାଦିକ ମାନଙ୍କ ବୃତ୍ତିଗତ ସମସ୍ୟା ଦୂର କରିବା ଉତ୍କଳ ସାମ୍ବାଦିକ ସଂଘ ର ଏକମାତ୍ର ଲକ୍ଷ୍ୟ । ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ,ବୀମା ରେ ପିତାମାତା ଙ୍କୁ ସାମିଲ କରିବା,ପ୍ରେସ ଏକାଡେମୀ ଗଠନ,ବେତନ ଆୟୋଗ ଗଠନ କରିବାକୁ ସେ ଦାବି ରଖିଥିଲେ । ଅନ୍ୟ ମାନଙ୍କ ମଧରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କୋଷାଧକ୍ଷ ରାଜନ ଚୌଧୁରୀ, ଏଡିଏମ୍ ପ୍ରିୟଦର୍ଶିନୀ ମଲ୍ଲିକ, ନିଳଗିରି ଅଧକ୍ଷା ଶୁଭ ଲକ୍ଷ୍ମୀ ମାଝୀ, ଭଦ୍ରକ ଜିଲ୍ଲା ସଭାପତି ରବିନାରାୟଣ ଖିଲାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ନର ନାରାୟଣ ମିଶ୍ର, ପ୍ରସନ୍ନ କୁମାର ପାତ୍ର, ବିଜୟ କୁମାର ପ୍ରଧାନ, ଭଗବାନ ମହଲ, ଅକ୍ଷୟ କୁମାର ଜେନା, ଦେବେନ୍ଦ୍ର ନାୟକ, ରାଜେଶ କୁମାର ମହାକୁଡ଼ଙ୍କ ସମେତ ସମାଜସେବା କ୍ଷେତ୍ରରେ ସୁବାସିନୀ ଜେନା,ପୃଥୀରାଜ ପରିଡା, ବିକାଶ କୁମାର ନାୟକ, ଆଲୋକ କୁମାର ସାହୁ, ରଞ୍ଜନ କୁମାର ବେହେରା, ସର୍ବେଶ୍ୱର ଦାସ, ରଞ୍ଜନ କୁମାର ଦାସ,ମୀତା ପଟ୍ଟନାୟକ, ଭାଗବତ ଖିଲାର, ମଦନମୋହନ ମାଝୀ, ଦମୟନ୍ତୀ ରାଉତ, ବିଦ୍ୟାଧର ଖଟୁଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଜାତୀୟ ପରିଷଦ ସଦସ୍ୟ ସତ୍ୟବ୍ରତ ପ୍ରଧାନ,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ଦାସ, ଅମର ଆଚାର୍ଯ୍ୟ,ଅଫିସ ସମ୍ପାଦକ ସୁଦୀପ୍ତ ମହାନ୍ତି, ଉପସଭାପତି ଜୀବନ ବାରିକ, ଜୀବନ ଜ୍ୟୋତି ନାୟକ ଓ ସମ୍ପାଦକ ଭାବେ ସଞ୍ଜୟ ସାମନ୍ତଙ୍କ ନାମ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମକୁ ଆଶିଷ ଗିରି, ଭଗବାନ ଦାସ, ମନୋଜ କୁମାର ଭୂୟାଁ, ସୁଧାଂଶୁ ବାରିକ,ବିନୋଦ କୁମାର ବାରିକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅଶୋକ ପ୍ରଧାନ, ପ୍ରସନ୍ନ କୁମାର ପାତ୍ର, ଅଜିତ କୁମାର ସାହୁ,ସୁଦୀପ୍ତ ମହାନ୍ତି,ସଞ୍ଜୟ ଦାସ, ସଞ୍ଜୟ ସାମନ୍ତରାୟ, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ସହ ଯାଉଥିବା ଗାଡିକୁ ଧକ୍କା ଦେଲା ବୋଲେରୋ

ଅଶୋକନଗର,୨୭/୦୮ : କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ସହ ଯାଉଥିବା ଏକ ଗାଡିକୁ ଧକ୍କା ଦେଇଛି ଅନ୍ୟ ଏକ କାର୍ । ଶନିବାର ସନ୍ଧ୍ୟାରେ ମନ୍ତ୍ରୀ ଯାଉଥିବା ବେଳେ ଏକ କାର୍ ପଛପଟୁ ଧକ୍କା ଦେଇଥିଲା । ବିଜେପି ସାଂସଦ ଶନିବାର କୋଲକାତା ଏୟାରପୋର୍ଟରୁ ଠାକୁରନଗର ଅଭିମୁଖେ ଯାଉଥିବା ବେଳେ ଅଶୋକନଗରର ମନିକତଲା ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଯାଉଥିବା ଏକ ଇନୋଭା କାରକୁ ପଛପଟୁ ଏକ ବୋଲେରୋ ଧକ୍କା ଦେଇଥିଲା । ଅନ୍ୟପଟେ ସମ୍ପୃକ୍ତ ବୋଲେରୋଟି ପ୍ରାୟ ୧୦ କିଲୋମିଟର ହେବ ସେମାନଙ୍କ ଗାଡିକୁ ପିଛା କରୁଥିବା କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରିଛନ୍ତି । ତେବେ ଅଶୋକନଗରର ମାନିକତଲା ଅଞ୍ଚଳରେ ଟ୍ରାଫିକ ଜାମ କାରଣରୁ ମନ୍ତ୍ରୀଙ୍କ ସହ ଯାଉଥିବା ଗାଡିକୁ ଧକ୍କା ଦେଇଥିଲା ବୋଲେରୋ ।

# ବିଜେପିର ମିଶ୍ରଣ ପର୍ବ: ବସ୍ତା ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା ଶ୍ୟାମାପ୍ରସାଦ ବେହେରାଙ୍କ ଘରବାହୁଡ଼ା

ବାଲେଶ୍ୱର, ୨୭/୦୮ (ନି.ପ୍ର): ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଆଜି ସ୍ଥାନୀୟ ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା ମଞ୍ଚ ଆହ୍ୱାନ କରିଥିଲେ, ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶ୍ୟାମାପ୍ରସାଦ ବେହେରାଙ୍କ ସମେତ ତାଙ୍କର ଶତାଧିକ ଶୁଭେଚ୍ଛୁ ଓ ସମର୍ଥକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ସମସ୍ତଙ୍କୁ ନିଃସ୍ୱାର୍ଥପର ମନୋଭାବରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଯୋଜନା ମୁତାବକ ସମସ୍ତଙ୍କୁ ବ୍ରତୀ ହେବା ପାଇଁ ଆହ୍ୱାନ କରିଥିଲେ । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କ ସ୍ୱାଗତ ସମ୍ବର୍ଦ୍ଧନାରେ ବସ୍ତାର ଟାଣୁଆ ନେତା ନିକଟରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିବା ଶ୍ୟାମାପ୍ରସାଦ



ବେହେରାଙ୍କ ସମେତ ବିଜେଡ଼ି ଓ କଂଗ୍ରେସରୁ ଆସିଥିବା ନେତା - କର୍ମୀବୃନ୍ଦଙ୍କୁ ସ୍ୱାଗତ କରିଥିଲେ । ବକ୍ତା ଭାବରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ଭାଷଣରେ ଦଳୀୟ ଏକତା, ସମସ୍ତଙ୍କ ମଧରେ ସମନ୍ୱୟ, ନବାଗତ ଓ ଘର ବାହୁଡା କରିଥିବା କର୍ମୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଇଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀର ପାର୍ଥୀ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଶ୍ୟାମାପ୍ରସାଦ ବେହେରାଙ୍କୁ ସ୍ୱାଗତ କରି କହିଥିଲେ ଯେ ବସ୍ତାରେ ବିଜେପି ସଂଗଠନ ଅଧିକ ଶକ୍ତିଶାଳୀ ହେବ ଓ ୨୦୨୪ ନିର୍ବାଚନରେ ଦଳ ବିଜୟୀ ହେବ । ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣକାରୀ ଯୋଜନା ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିକାଶମୂଳକ କାର୍ଯ୍ୟର ଅନୁପ୍ରାଣୀତ ହୋଇ ଦଳରେ ପୁନର୍ବାର ଯୋଗଦାନ କରୁଛନ୍ତି ବୋଲି ଶ୍ରୀଯୁକ୍ତ ବେହେରା କହିଛନ୍ତି, ସେ ବିଗତ ଦିନମାନଙ୍କରେ କିଛି ସ୍ମରଣୀୟ ଘଟଣାର ସ୍ମୃତି ଚାରଣ କରିଥିଲେ । ତାଙ୍କ ସହିତ ଯୋଗଦାନ କରିଥିବା ପ୍ରମୁଖ ଚେହେରା ଭାବେ ଧ୍ରୁବଚରଣ ନାୟକ, ଅଦୈତ୍ୟ କୁମାର ଜେନା, ପୁରୁଷୋତ୍ତମ ଭୂୟାଁ, ରଜତ୍ ନାରାୟଣ ପ୍ରହରାଜ, କେଶବ ଦଣ୍ଡପାଟ, ଦେବାନନ୍ଦ ଦାସ, କିଶୋର ଚନ୍ଦ୍ର ପରିଡ଼ା, ନବରାଜ ପ୍ରଧାନ, ଅଜୟ କୁମାର ଘୋଷ, ମଦନମୋହନ ଜେନା, ଚକ୍ରଧର ଗିରି, ରଞ୍ଜିତ ପାତ୍ର, ଅରବିନ୍ଦ ସେନ୍, ଜଗନ୍ନାଥ ଗିରି, ଚିନ୍ମୟୀ ଦେବ୍ ଓ ପ୍ରିୟବ୍ରତ ନାରାୟଣ ପ୍ରହରାଜ ଯୋଗଦାନ କରିଥିଲେ ।

# ବିଦ୍ୟୁତ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ: ପୋଲିସ ହସ୍ତକ୍ଷେପ ପରେ ମୁକୁଳିଲେ କର୍ମଚାରୀ

ନୀଳଗିରି , ୨୭/୦୮ (ନି.ପ୍ର): ବରହପୁର ଷ୍ଟ୍ରକଚର ଅଧୀନ ନରଣପୁର ପଞ୍ଚାୟତ ଭୁଲପଡିଆ ଗ୍ରାମରେ ବିଦ୍ୟୁତ୍ ସରବରାହରେ ଗଡବଡ ନେଇ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ । ଆଜି ସକାଳ ପ୍ରାୟ ୧୨ ଟା ସମୟରେ ଭୁଲାପଡିଆ ଗ୍ରାମର କିଛି ଲୋକ ଲାଇନ ଡିମ୍ ଜଳୁଥିବା କାରଣରୁ ବରହମପୁର ବିଦ୍ୟୁତ ସବଷ୍ଟେସନକୁ ଫୋନ କରି ଅଭିଯୋଗ କରିଥିଲେ ।ବିଦ୍ୟୁତ କର୍ମଚାରୀ ମାନେ ଅପରାହ୍ନ ୪ ଟା ସମୟରେ ବିଦ୍ଯୁତ ସଜାଡିବା ନିମନ୍ତେ ଗ୍ରାମରେ ପହଞ୍ଚିବାରୁ ବିଳମ୍ବ କାରଣରୁ ଉଭୟ ପକ୍ଷ ମଧରେ ବଚସା ହୋଇଥିଲା । ବିଦ୍ୟୁତ ସଜାଡିବା ପରିବର୍ତ୍ତେ ବକେୟା ବିଲ ଥିବା କାରଣରୁ କିଛି ଲୋକଙ୍କର ବିଦ୍ୟୁତ ସଂଯୋଗ କାଟିଦେଇଥିଲେ । ଶ୍ରୀମତି ସିଂ ନାମକ ଜଣେ ହିତାଧିକାରୀ ମାତ୍ର ଚାରୋଟି ଲାଇଟ ଜଳାଉଛନ୍ତି ହେଲେ ତାଙ୍କର ବିଲ ମାସକୁ ୪ଶହ ଟଙ୍କାରୁ ଉର୍ଦ୍ଧ୍ୱ ଆସୁଥିବାରୁ ସେ ବିଦ୍ୟୁତ କର୍ମଚାରୀଙ୍କୁ ପଚାରିଥିଲେ । ଖାଲି ଶ୍ରୀମତି ନୁହେଁ ଗ୍ରାମରେ ଅନେକ ହିତାଧିକାରୀ ପଚାରିଥିଲେ ଯେ ନେସ୍କୋ ସମୟରେ କମ ଆସୁଥିବା ବିଦ୍ୟୁତ ବିଲ ଏବେ କାହିଁକି ଅଧିକ ଆସୁଛି ଓ ବିଦ୍ୟୁତ ବିଲ ନେବା ବେଳେ କର୍ମଚାରୀ ସଠିକ ସମୟ ଆସୁଥିବା ବେଳେ ସଜାଡିବା ସମୟରେ ବିଳମ୍ବ କାହିଁକି ? ଯାହାକୁ ନେଇ ବଚସା ଉଗ୍ର ରୂପ ନେଇଥିଲା ଯାହା ପାଇଁ ଗ୍ରାମବାସୀ ବିଦ୍ୟୁତ କର୍ମଚାରୀଙ୍କୁ ଅଟକ ରଖିବା ସହିତ ଉପରିସ୍ଥ କର୍ମଚାରୀଙ୍କୁ ଆଲିବା ପାଇଁ



କହିଥିଲେ । ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବାରୁ ଗ୍ରାମବାସୀ ଉକ୍ତ କର୍ମଚାରୀଙ୍କୁ ଛାଡିଥିଲେ ।

# କ୍ରିପ୍ଟୋ କରେନ୍ସି ଠକେଇ ମାମଲା : ଆଉ ୩ ଜଣଙ୍କ ନାଁରେ ଲୁକ ଆଉଟ ସର୍କୁଲାର୍

ଭୁବନେଶ୍ୱର, ୨୭/୦୮ (ନି.ପ୍ର): କ୍ରିପ୍ଟୋ କରେନ୍ସିରେ ନିବେଶ ନାଁରେ ହଜାର କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ଆଉ ତିନିଜଣଙ୍କ ନାଁରେ ଲୁକ ଆଉଟ ସର୍କୁଲାର୍ ଜାରି କରିଛି ବ୍ୟୁରୋ ଅଫ ଇମିଗ୍ରେସନ । ଏହି ତିନି ଜଣ ହେଲେ କ୍ରିଷ୍ଣା କୁମାର, ଅନୀଲ କୁମାର ଓ ଭୁରା ରାମ । ଏମାନେ ସମସ୍ତେ ଏସଟିଏ କମ୍ପାନୀର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁର ଘନିଷ୍ଠ ସହଯୋଗୀ ।ଓଡ଼ିଶା କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ପୂର୍ବରୁ ଲୁକ ଆଉଟ ସର୍କୁଲାର୍ ଜାରି କରିବାକୁ ଅନୁରୋଧ କରିଥିଲା । ସୂଚନାଯୋଗ୍ୟ ଯେ ଦେଶରୁ ପ୍ରାୟ ହଜାରେ କୋଟି ଟଙ୍କା ଠକେଇ କରିଥିବା ଏହି ରାକେଟର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁକୁ ଇଓଡବ୍ଲୁ ରାଜସ୍ଥାନର ଗଙ୍ଗାନଗରରୁ ଗିରଫ କରିଥିବାବେଳେ ପୂର୍ବରୁ ସଂସ୍ଥାର ଓଡ଼ିଶା ମୁଖ୍ୟ ଭଦ୍ରକର ନିରୋଦ ଦାସକୁ ଗିରଫ କରାଯାଇଥିଲା । ସୋସିଆଲ ମିଡିଆ ମୁଖ୍ୟ ରତ୍ନାକର ପଲେଇକୁ ବି ଗିରଫ କରାଯାଇଥିଲା । ତେବେ ସଂସ୍ଥାର ମୁଖ୍ୟ ହଙ୍ଗେରିର ଡେଭିଡ୍ ଗେଜ୍ ଏବେ ବି ଫେରାର ରହିଛି । ତାଙ୍କ ବିରୋଧରେ ପୂର୍ବରୁ ଲୁକ ଆଉଟ ସରକୁରାଲ ଜାରି ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo